ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.14 Bhubaneswar Thursday, February 17, 2022 | ୨୫ତମ ବର୍ଷ ସଂଖ୍ୟା-୧୪ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS

## ବୁଥ୍ ଦଖଲ କରି ଭୋଟ୍ ଦେଲେ ସରପଞ୍ଚ ପ୍ରାର୍ଥୀ, ଭିଡିଓ ଭାଇରାଲ୍



ଯାଜପୁର, ୧୬।୨(ପି.ଏନ): ସରପଞ୍ଚ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଜୋର ଜବରଦସ୍ତ ପୋଲିଂ ବୁଥ୍‌ରେ ପଶି ଭୋଟ୍ ଦେଇଛନ୍ତି। ଏହାକୁ ବିରୋଧ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ସରପଞ୍ଚ ପ୍ରାର୍ଥୀ ଓ ତାଙ୍କ ସମର୍ଥମାନେ ମତଦାତାଙ୍କୁ ଗୋଡାଇ ଗୋଡାଇ ପିଟିଥିବା ଅଭିଯୋଗ ହୋଇଛି। ଫଳରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆଜି ଏପରି ଅଭିଯୋଗ ଯାଜପୁର ଜିଲ୍ଲା ବରୀ ଅଞ୍ଚଳରୁ ଆସିଛି। ଯାହାର ଭିଡିଓ ଭାଇରାଲ୍ ହୋଇଛି।ବରୀ ରୁଦ୍ରପୁର ପଞ୍ଚାୟତର ୫ ନମ୍ବର ୱାର୍ଡର ପୋଲିଂ ବୁଥ୍ ରୁଦ୍ରପୁର ୟୁଜିଏମ୍‌ଇ ସ୍କୁଲରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପୋଲିଂ ଆରମ୍ଭ ହୋଇଥିଲା। ଭୋଟରମାନେ ଶୃଙ୍ଖଳିତ ଭାବେ ଯାଇ ମତଦାନ ସାବ୍ୟସ୍ତ କରୁଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ କେତେକ ଭୋଟର ପୋଲିଂ ବୁଥ୍‌ରେ ମତଦାନ ସାବ୍ୟସ୍ତ କରୁଥିଲେ। ଠିକ୍ ଏହି ସମୟରେ ସରପଞ୍ଚ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ବୁଥ୍‌ରେ ପଶିଥିଲେ। ପରେ ସରପଞ୍ଚ ପ୍ରାର୍ଥୀଙ୍କ ପାଇଁ ଜବରଦସ୍ତ ଭୋଟ ଦେଉଥିଲେ। ଯାହାକୁ ମତଦାନ ପାଇଁ ବୁଥ୍ ଭିତରେ ଅପେକ୍ଷା କରିଥିବା ଲୋକମାନେ ବିରୋଧ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ଠେଙ୍ଗାରେ ସେମାନଙ୍କୁ ଗୋଡାଇ ଗୋଡାଇ ପିଟିଥିବା ଅଭିଯୋଗ ହୋଇଛି। ଯାହାଫଳରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି।

## ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଶେଷ

ଭୁବନେଶ୍ୱର, ୧୬।୨(ପି.ଏନ): ଗୋଟିଏ ଦୁଇଟି ସ୍ଥାନରେ କାଁଭାଁ ଗଣ୍ଡଗୋଳର ଖବର ମଧ୍ୟରେ ମୋଟାମୋଟି ଭାବେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ-୨୦୨୨ର ପ୍ରଥମ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସୁଚାରୁରୂପେ ସମାପ୍ତ ହୋଇଛି। ୩୦ଟି ଜିଲ୍ଲାର ୭୧ଟି ବ୍ଲକର ୧୬୬୯ଟି ଗ୍ରାମପଂଚାୟତର ୬୭ଲକ୍ଷ ୫୧ହଜାର ମତଦାତା ୨୨୩୭୯ଟି ମତଦାନ କେନ୍ଦ୍ରରେ ଲୋକ ମାନେ ସେମାନଙ୍କର ମତାଧିକାର ପ୍ରୟୋଗ କରିଛନ୍ତି। ଲୋକ ମାନେ ନିଜ ଅଂଚଳର ସରପଂଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ଏବଂ ୨୦୦ଟି ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ଭୋଟ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କିଛି ସ୍ଥାନରେ ଲୋକ ମାନେ ଭୋଟ ବର୍ଜନ କରିଥିବା ମଧ୍ୟ ସୂଚନା ମିଳିଛି । ଆଜି ସକାଳ ୭ଟା ବେଳେ ମତଦାନ ଆରମ୍ଭ ହୋଇ ଦିନ ଗୋଟାଏ ଯାଏ ଚାଲିଥିଲା । ନିର୍ବାଚନ ବେଳେ ସମ୍ବେଦନଶୀଳ ଅଂଚଳରେ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା । ।ଶାନ୍ତିଶୃଙ୍ଖଳା ପାଇଁ ତିନି ଥାକିଆ ସୁରକ୍ଷା ବ୍ୟବସ୍ଥା ସହ କୋଭିଡ-୧୯ କଟକଣାକୁ ପାଳନ କରାଯାଇଥିଲା। ମତଦାନ ପାଇଁ ବୁଥ ଗୁଡ଼ିକରେ ସକାଳୁ ମତଦାତାଙ୍କ ଆଗମନ ଆରମ୍ଭ ହୋଇଥିଲା।

## ପୋଲିଂ ବୁଥ୍‌ରେ ଲାଗିଛି ମୁଖ୍ୟମନ୍ତ୍ରୀ ଫୋଟ, ଅସନ୍ତୋଷ ଝାଡିଲେ କେନ୍ଦ୍ରମନ୍ତ୍ରୀ



ବାରିପଦା, ୧୬।୨(ପି.ଏନ): ପୋଲିଂ ବୁଥ୍ କେନ୍ଦ୍ର ଭିତରେ ଲାଗିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଶାଳ ଫୋଟ ଚିତ୍ର। ପୋଲିଂ ବୁଥ୍‌ରେ ଏଭଳି ଚିତ୍ର ଦେଖି ଅସନ୍ତୋଷ ଝାଡିଛନ୍ତି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ।ଆଜି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ନିଜର ପୈତୃକ ଗ୍ରାମ ମୟୂରଭଞ୍ଜ ଜିଲ୍ଲର ମୋରୋଡା ବ୍ଲକ୍ ଅନ୍ତର୍ଗତ ୮ନମ୍ବର ବୁଥ୍ ଖୁଣ୍ଟାପାଳ ପ୍ରାଥମିକ ବିଦ୍ୟାଳୟରେ ନିଜର ଭୋଟ ଦେଇଛନ୍ତି। ତେବେ ବୁଥ୍ ଭିତରେ ନବୀନ ପଟ୍ଟନାୟକଙ୍କ ବିରାଟ ଫୋଟ ଚିତ୍ରକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଏନେଇ ସେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଜଣାଇଛନ୍ତି।ନିଜର ମତଦାନ ସାବ୍ୟସ୍ତ କରିବା ପରେ କେନ୍ଦ୍ରମନ୍ତ୍ରୀ ଆଜି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଲି ସ୍ଥିତି ପରିଖିଛନ୍ତି। ଏହା ପରେ ସେ କହିଛନ୍ତି, ଭୋଟରଙ୍କ ସଂଖ୍ୟା ଅନୁଯାୟୀ ବୁଥ୍‌ରେ ଠିକ୍ ଭାବେ ବ୍ୟବସ୍ଥା କରାଯାଇନାହିଁ। ଲୋକମାନେ ଭୋଟ ଦେବା ପାଇଁ ଆସି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୋଟ ଦେବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ପରିବର୍ତ୍ତ ପ୍ରଶାସନିକ ଅଧିକାରୀମାନେ ଜାଣିଶୁଣି ହତୋତ୍ସାହିତ କରିବାକୁ ଚେଷ୍ଟା କରୁଥିବା କେନ୍ଦ୍ରମନ୍ତ୍ରୀ ଅଭିଯୋଗ କରିଛନ୍ତି।

## ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ୨୩ ଟି ସ୍ଥାନରେ ମତଦାନ ବନ୍ଦ

ଭୁବନେଶ୍ୱର, ୧୬।୨(ପି.ଏନ): ବିଭିନ୍ନ ସ୍ଥାନରେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ପ୍ରଥମ ପର୍ଯ୍ୟାୟରେ ୨୩ଟି ସ୍ଥାନରେ ମତଦାନ ବନ୍ଦ ରହିଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ମିଳିଛି । ୨୩ଟି ସ୍ଥାନ ମଧ୍ୟରୁ ଗୋଟିଏ ଜିଲ୍ଲା ପରିଷଦ, ୬ଟି ସରପଂଚ ପଦବୀ, ୩ଟି ପଂଚାୟତ ସମିତି ସଭ୍ୟ, ୧୩ଟି ୱାର୍ଡମେମ୍ବର ପଦବୀରେ ନିର୍ବାଚନ ବନ୍ଦ ହୋଇଛି । ଆଉ ୪ ପର୍ଯ୍ୟାୟ ମତଦାନ ବାକିଥିବା ବେଳେ ଉକ୍ତ ସମୟରେ ବନ୍ଦ ହୋଇଥିବା ସ୍ଥାନରେ ମଧ୍ୟ ନିର୍ବାଚନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ।


## କରୋନାରୁ ସୁସ୍ଥ ହେଲେ ୧୬୩୯

ଭୁବନେଶ୍ୱର, ୧୬।୨(ପି.ଏନ): ରାଜ୍ୟରେ ଆଜି ୧ ହଜାର ୬୩୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୬୩ ହଜାର ୧୦୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୯୧ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୪୦ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୧୨୧, ରାୟଗଡ଼ାରୁ ୮୪, ବଲାଙ୍ଗୀରରୁ ୮୨, କୋରାପୁଟରୁ ୭୯, ଯାଜପୁରରୁ ୬୪, ଦେବଗଡ଼ରୁ ୫୫, ପୁରୀରୁ ୫୪, ଅନୁଗୁଳ ଓ ସୁବର୍ଣ୍ଣପୁରରୁ ୫୩ ଜଣ ଲେଖାଏଁ କରୋନାରୁ ସୁସ୍ଥ ହୋଇଛନ୍ତି।ସେହିପରି ବାଲେଶ୍ୱର, ଜଗତସିଂହପୁରରୁ ୪୯ ଲେଖାଏଁ, ଗଜପତିରୁ ୪୫, କଳାହାଣ୍ଡି, ମୟୂରଭଂଜରୁ ୪୦ ଲେଖାଏଁ, ନୟାଗଡ଼ରୁ ୩୭, ବୌଦ୍ଧରୁ ୩୧, କେନ୍ଦ୍ରାପଡ଼ାରୁ ୨୯, ଢେଙ୍କାନାଳ, ନବରଂଗପୁରରୁ ୨୩ ଲେଖାଏଁ, କନ୍ଧମାଳ, ନୂଆପଡ଼ାରୁ ୨୨-୨୨, ଗଂଜାମ, କେନ୍ଦୁଝର, ସମ୍ବଲପୁରରୁ ୨୧ ଲେଖାଏଁ, ବରଗଡ଼, ଭଦ୍ରକରୁ ୨୧-୨୧, ମାଲକାନଗିରିରୁ ୬, ଝାରସୁଗୁଡ଼ାରୁ ୨ ଓ ରାଜ୍ୟପୁଲରୁ ୪୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ଜେଲ୍ ଗଲେ ଅତିରିକ୍ତ ଏସପି ତ୍ରିନାଥ ମିଶ୍ର

ଭୁବନେଶ୍ୱର, ୧୬।୨(ପି.ଏନ): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ପୋଲିସ୍ କମ୍ୟୁନିକେସନ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗିରଫ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତରେ ରହିବେ। ତ୍ରିନାଥଙ୍କୁ ଗିରଫ ସହ ତାଙ୍କ ପତ୍ନୀଙ୍କ ନାଁରେ ବି ମାମଲା ରୁଜୁ ହୋଇଛି। ତ୍ରିନାଥଙ୍କ ପକ୍ଷରୁ ଜାମିନ ପାଇଁ ଭିଜିଲାନ୍ସ କୋର୍ଟରେ ଆବେଦନ କରାଯାଇଛି। ଆସନ୍ତା ୨୧ ତାରିଖରେ ଏହାର ଶୁଣାଣି ହେବ।ଏଏସପି ତ୍ରିନାଥ ମିଶ୍ର ଗିରଫ ସମ୍ପର୍କରେ ଭିଜିଲାନ୍ସ ଏସପି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ତ୍ରିନାଥଙ୍କର ୧୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତି ଠାବ ହୋଇଛି। ସେଥିରୁ ପ୍ରାୟ ୮ କୋଟି ୬୧ ଲକ୍ଷ ଟଙ୍କା ହେଉଛି ଆୟ ବର୍ହିଭୂତ। ନିଜ ଆୟ ଠାରୁ ୫୦୦ ଗୁଣା ଅଧିକ ସମ୍ପତି ରହିଥିବା ଭିଜିଲାନ୍ସ ଏସପି ସୂଚନା ଦେଇଛନ୍ତି। ଅପରପକ୍ଷରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବବୋଲି ସେ କହିଛନ୍ତି। ଗତକାଲିଠାରୁ କଟକ, ଭୁବନେଶ୍ୱର ସମେତ ୧୧ଟି ସ୍ଥାନରେ ରେଡ୍ କରିଥିଲା ଭିଜିଲାନ୍ସ ।ଚଢାଉ ବେଳେ ତାଙ୍କ ନିକଟରେ ୧ କୋଟି ୧୦ ଲକ୍ଷ ଟଙ୍କାର ଏକ ବିଏମଡବ୍ଲ୍ୟୁ କାର, ୧୭ ଲକ୍ଷର ହୁଣ୍ଡାଇ କ୍ରେଟା କାର୍, ମାରୁତି ବାଲେନୋ କାର୍ ଓ ସେଭ୍ରୋଲେ ଟ୍ରେଲବ୍ଲେଜର କାର୍ ମିଳିଥିଲା। ସେହିପରି ୫.୩ ଲକ୍ଷର ଜିଟିଆର ୨୫୦ ହୋସୁଙ୍ଗ ବାଇକ, ୧ ଲକ୍ଷ ୭୫ ହଜାର ମୂଲ୍ୟର ବୁଲେଟ ଓ ୨୦ ଲକ୍ଷ ଟଙ୍କାର ଟ୍ରମ୍ଫ ରକେଟ ବାଇକ୍ ଜବତ କରାଯାଇଛି। ଗତକାଲି ୩ ଏଏସପି, ୧୦ ଡିଏସପି ଓ ୧୩ ଜଣ ଇନସ୍ପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଭିଜିଲାନ୍ସ ଟିମ୍ କଟକ, ଭୁବନେଶ୍ୱର, ଯାଜପୁର, ଜଗତସିଂହପୁର ଓ ନବରଙ୍ଗପୁରର ବିଭିନ୍ନ ସ୍ଥାନ ଚଢ଼ଉ କରିଥିଲା।ନବରଙ୍ଗପୁରର ଡାବୁଗାଁରେ ଥିବା ପୈତୃକ ଘର, କଟକର ମହାନଦୀ ବିହାର ଠାରେ ପୁଅ ତୁଷାର ମିଶ୍ର ଏବଂ ତରୁଣ ମିଶ୍ରଙ୍କ ଡ୍ରଗ୍ ଉତ୍ପାଦନ ୟୁନିଟ୍, କଟକ ତୁଳସୀପୁରରେ ଅବସ୍ଥିତ ତାଙ୍କର ଅଫିସ୍, ସରକାରୀ ମଧୁପାଟଣା ପୁଲିସ୍ ଥାନାରେ ଥିବା କ୍ୟାମ୍ପସରେ କ୍ୱାର୍ଟର୍, ଭୁବନେଶ୍ୱର ରସୁଲଗଡ଼ସ୍ଥିତ ମନୋରମା ଇଷ୍ଟେଟରେ ଥିବା ବିଏଚକେ ଫ୍ଲାଟ, ଯାଜପୁରର ବଡ଼ଚଣାରେ ଥିବା ଶଶୁର ଘର, ତାଳଗଡ଼ ସ୍ଥିତ ଫାର୍ମହାଉସ୍, ଚଣ୍ଡିଖୋଲ ବଜାରର ଧାନମଣ୍ଡଳରେ ମେଡିସିନ୍ ଦୋକାନ ସହିତ ଶାନ୍ତିଲତା କେୟାର ଏବଂ ନର୍ସିଂହୋମ ଓ ଟ୍ରାନ୍ସପୋର୍ଟ ଥିବା ସୂଚନା ଦେଇଛି ଭିଜିଲାନ୍ସ।

## ପ୍ରିଜାଇଡିଂ ଅଫିସରଙ୍କୁ ପିଟି ଭୋଟ୍ ବାକ୍ସ ଛଡ଼ାଇ ନେଲେ



ଢେଙ୍କାନାଳ, ୧୬।୨(ପି.ଏନ): ଯାଜପୁର ପରେ ଢେଙ୍କାନାଳରେ ହୋଇଛି ଭୋଟ୍ କ୍ୟାପ୍‌ଚ୍ରିଂ। ପ୍ରିଜାଇଡିଂ ଅଫିସରଙ୍କୁ ମାଡ ମାରି ଭୋଟ୍ ବାକ୍ସ ଛଡ଼ାଇ ନେଲେ ଦୁର୍ବୃତ୍ତ। ଗୁରୁତର ଆହତ ହୋଇ ପ୍ରିଜାଇଡିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉଳ ଗଁଦିଆ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଆଜି ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ ଓ ହିନ୍ଦୋଳ ବ୍ଲକ୍‌ର ମୋଟ୍ ୮୭୨ଟି ବୁଥ୍‌ରେ ମତଦାନ ହୋଇଛି। ତେବେ ନିହଲପ୍ରସାଦ ପୋଲିଂ ବୁଥ୍‌ରେ ମତଦାନ ଚାଲିଥିବା ବେଳେ ଭୋଟ୍ କ୍ୟାପ୍‌ଚ୍ରିଂ ହୋଇଛି। ବୁଥ୍ ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉଳ ସେମାନଙ୍କୁ ବିରୋଧ କରିଥିଲେ। ଏହା ପରେ ଦୁର୍ବୃତ୍ତମାନେ ପ୍ରିଜାଇଡିଂ ଅଫିସର ଶ୍ରୀ ରାଉଳଙ୍କୁ ମାଡ ମାରି ଭୋଟ୍ ବାକ୍ସ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ତାଙ୍କୁ ଗୁରୁତର ବଅସ୍ଥାରେ ଉଦ୍ଧାର କରାଯାଇ ଗଁଦିଆ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଯାଜପୁର ଜିଲ୍ଲା ବରୀ ରୁଦ୍ରପୁର ପଞ୍ଚାୟତର ୫ ନମ୍ବର ୱାର୍ଡରେ ଭୋଟ୍ କ୍ୟାପ୍‌ଚ୍ରିଂ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ଠେଙ୍ଗାରେ ସେମାନଙ୍କୁ ଗୋଡାଇ ଗୋଡାଇ ପିଟିଥିବା ଅଭିଯୋଗ ହୋଇଛି। ଯାହାଫଳରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି।

## ସରିଲା ପ୍ରଥମ ପର୍ଯ୍ୟାୟ ପଂଚାୟତ ଭୋଟ୍, ୭୦% ମତଦାନ

ଭୁବନେଶ୍ୱର, ୧୬।୨(ପି.ଏନ): କିଛି ସ୍ଥାନରେ ଗଣ୍ଡଗୋଳ ଓ ବିଶୃଙ୍ଖଳାକୁ ବାଦ୍ ଦେଇ ଶାନ୍ତି ଶୃଙ୍ଖଳାରେ ସରିଛି ପ୍ରଥମ ପର୍ଯ୍ୟାୟ ପଂଚାୟତ ଭୋଟ୍ । ପ୍ରଥମ ପର୍ଯ୍ୟାୟରେ ମୋଟ ୭୧ଟି ବ୍ଲକର ୧୬୬୯ଟି ପଂଚାୟତରେ ୨୦୦ ଜିଲ୍ଲା ପରିଷଦ ସଭ୍ୟ ପାଇଁ ମତଦାନ ହୋଇଥିଲା । ୨୨ ହଜାର ୩୭୯ ବୁଥରେ ଭୋଟ୍ ଗ୍ରହଣ ହୋଇଥିବା ବେଳେ ପ୍ରାୟ ୭୦ ପ୍ରତିଶତ ମତଦାନ ହୋଇଛି ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।। ସେ କହିଛନ୍ତି ଯେ ଜୁନାଗଡ଼ ବ୍ଲକ କୁଣ୍ଡାମେଲା ପଂଚାୟତ ୧୧ ନମ୍ବର ୱାର୍ଡରେ ବିଶେଷ କାରଣ ପାଇଁ ନିର୍ବାଚନ ହୋଇନାହିଁ । ଆଉ କିଛି ସ୍ଥାନରେ ଆଇନ୍ ଶୃଙ୍ଖଳା ପାଇଁ ଭୋଟ୍ ଗ୍ରହଣ ବାଧାପ୍ରାପ୍ତ ହୋଇଛି । ଢେଙ୍କାନାଳ ଜିଲ୍ଲାର ୩ଟି ବୁଥ୍, ଯାଜପୁର ଜିଲ୍ଲାର ୭ଟି ବୁଥ୍ ଓ ପୁରୀ ଜିଲ୍ଲାର ୫ଟି ବୁଥରେ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି ।

## ବିଶିଷ୍ଟ କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ବିୟୋଗରେ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୬।୨(ପି.ଏନ): ବିଶିଷ୍ଟ କବି, ସମାଲୋଚକ, ସଂପାଦକ ଏବଂ ଶିକ୍ଷାବିତ୍ ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କର ୬୯ ବର୍ଷ ବୟସରେ ପରଲୋକ ହୋଇଛି। ସେ ଗତ କିଛିଦିନ ଧରି ଅସୁସ୍ଥତା ହେତୁ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଜି ତାଙ୍କର ଦେହାନ୍ତ ହୋଇଥିବା ସୂଚନା ମିଳିଛି। ତାଙ୍କ ବିୟୋଗରେ ରାଜ୍ୟ ସାହିତ୍ୟ, ସାମ୍ବାଦିକତା ଓ ଶିକ୍ଷା ପରିସରରେ ଶୋକର ଛାୟା ଖେଳିଯାଇଛି। ୧୯୫୩ ମସିହାରେ ଜନ୍ମିତ ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକ ଅବସର ପରେ ଦୈନିକ 'ସର୍ବସାଧାରଣ'ର ସଂପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ ଭାବେ ବୃତିଗତ ଜୀବନ ଆରମ୍ଭ କରିଥିବା ଡ.ପରିଚ୍ଛା ପଟ୍ଟନାୟକ ପରବର୍ତ୍ତୀ ସମୟରେ ଦୁଇ ଦୁଇ ଥର ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶକ ସଂସ୍ଥାର ନିର୍ଦ୍ଦେଶକ ଭାବେ ୨୦୧୧ରେ ଅବସର ଗ୍ରହଣ କରିଥିଲେ। ଏହା ବ୍ୟତୀତ ଅନୁବାଦ, ଗବେଷଣା ଓ ସଂପାଦନାରେ ତାଙ୍କର ଦକ୍ଷତା ରହିଥିଲା ସେ ଇଂରାଜୀ ଦୈନିକ 'ସନ୍‌ଟାଇମସ୍' 'ପ୍ରୋବିଟାସ୍' ଓ 'ଭର୍ଟେକ୍ସ' ସମେତ 'ଆବର୍ତ୍ତ' ଇତ୍ୟାଦି ପତ୍ରିକାର ସଂପାଦନା କରିଥିଲେ। ଗ୍ରୀକ୍ କବିତାର ଓଡ଼ିଆ ଅନୁବାଦ ସାଙ୍ଗକୁ ସେ ବିଶିଷ୍ଟ କବି ଓ ଗାଳ୍ପିକମାନଙ୍କର ଗଳ୍ପ ଓ କବିତାର ଚମତ୍କାର ଅନୁବାଦ କରିଥିଲେ । ତାଙ୍କର କବିତା ସଂକଳନ ମଧ୍ୟରେ ପିଙ୍କି କଥା (୧୯୭୬), ଏକା ଏକା ସନ୍ୟାସୀ (୧୯୮୧), ଅଥୟ ସୂର୍ଯ୍ୟ (୧୯୯୦), ଆୟୁଷ୍ମାନ ସମୟ (୧୯୯୫), ସବୁଅନ୍ଧାର ଆଜି ରାତିରେ (୧୯୯୬), ଜୀବନ ଜଙ୍ଘା (୨୦୦୪) ଓ ଅରଣ୍ୟରେ ଯେତେ ଦିନ (୨୦୦୭) ଅନ୍ୟତମ। କବିତା ସଂକଳନ 'ନଷ୍ଟ ହୋଇଯାଇଥିବା ମୋହ' ଲାଗି ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ତାଙ୍କର ସାରସ୍ୱତ ଅବଦାନ ଲାଗି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଭାନୁଜୀ ରାଓ ସ୍ମାରକୀ ପୁରସ୍କାର, ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ଓ ଗଙ୍ଗାଧର ମେହେର କବିତା ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଛି। ଡ. ପରିଚ୍ଛା ପଟ୍ଟନାୟକଙ୍କ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନାପୂର୍ବକ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

## କିଟ୍ ବିଶ୍ୱବିଦ୍ୟାଳୟର ୧୮ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୧୬।୨: ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ବିଶ୍ୱ ପାଇଁ ଉଦାହରଣ ବୋଲି ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ତଥା ଭାରତ ମୁଖ୍ୟ ବିଶୋ ପାରାଜୁଲି କହିଛନ୍ତି। ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ୧୮ତମ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରି ଶ୍ରୀ ପାରାଜୁଲି କହିଲେ, ବିଗତ ୫୦ବର୍ଷ ମଧ୍ୟରେ ଖାଦ୍ୟ ସୁରକ୍ଷା ଦିଗରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଦିନେ ଖାଦ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଭାରତ ଆଜି ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ବିଶ୍ୱର ଅନ୍ୟ ଦେଶକୁ ରପ୍ତାନୀ ମଧ୍ୟ କରୁଛି। ଖାଦ୍ୟ ଉତ୍ପାଦନ ସହ ଅନୁକୂଳ ନୀତି, ବିଜ୍ଞାନ ଓ ପ୍ରଯୁକ୍ତି, ଉନ୍ନତ ଯୋଗାଣ ବ୍ୟବସ୍ଥା, ବଜାର ବ୍ୟବସ୍ଥା ଆଦି ଭାରତର ଖାଦ୍ୟ ସୁରକ୍ଷା ଦିଗରେ ସହାୟକ ହୋଇଛି। ସେ କହିଲେ, ଖାଦ୍ୟ ଉତ୍ପାଦନ ଏବଂ ଖାଦ୍ୟ ଉପଲବ୍‌ଧତା ସମାନ ନୁହେଁ। ଆଜି ମଧ୍ୟ ବିଶ୍ୱରେ କ୍ଷୁଧା ବଢ଼ି ଚାଲିଛି। ଆମେ ପ୍ରଚୁର ଖାଦ୍ୟ ଉତ୍ପାଦନ କରିବା ସତ୍ତ୍ୱେ ବିଶ୍ୱର ପାଖାପାଖି ୮୧୧ ମିଲିଅନ ଲୋକ ପର୍ଯ୍ୟାପ୍ତ ଖାଦ୍ୟ ପାଇ ପାରୁନଥିବା ବେଳେ ୨୭୦ ମିଲିଅନ ଲୋକ ଭୋକରେ ରହୁଛନ୍ତି। ତେଣୁ ସମସ୍ତଙ୍କ ନିକଟରେ ଖାଦ୍ୟ କିପରି ପହଞ୍ଚିବ ତାହା ଆମର ସର୍ବ ପ୍ରଥମ ଦାୟିତ୍ୱ ହେବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରି କହିଲେ, ଏତେ ବିରାଟ ଓ ସୁନ୍ଦର ଅନୁଷ୍ଠାନ ଠିଆ କରିବା ଛୋଟ କଥା ନୁହେଁ। ଏହ କେବଳ ଜଣଙ୍କର ନିଷ୍ଠା, ପ୍ରତିବଦ୍ଧତା ଓ ସମାଜ ପ୍ରତି ଦାୟିତ୍ୱବୋଧ ଯୋଗୁଁ ସମ୍ଭବ ହୋଇଥାଏ। ଜ୍ଞାନ ବିତରଣ କରିବା ସହ କର୍ମ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବା, ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଏବଂ ଦେଶ ଗଠନରେ କିଟ୍ ଓ କିସ୍‌ର ଅବଦାନ ରହିଆସିଛି। ଭାରତର ଖାଦ୍ୟ ସୁରକ୍ଷା ଆଇନ୍, ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ମଧ୍ୟାହ୍ନ ଭୋଜନ ବାବଦରେ ଉଲ୍ଲେଖକରି ସେ କହିଲେ, ଏହି ସବୁ ବ୍ୟବସ୍ଥା ଭାରତରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ଦିଗରେ ଜୀବନରେଖା ଭାବେ ପ୍ରମାଣିତ ହୋଇଛି। ଏହା ସମଗ୍ର ବିଶ୍ୱ ପାଇଁ ଉଦାହରଣ ପାଲଟିଛି। ଜଳବାୟୁ ପରିବର୍ତ୍ତନ ଉପରେ ମତ ରଖି ସେ କହିଲେ, ଖାଦ୍ୟ ଉତ୍ପାଦନ ବଢ଼ିବା ସହ ସ୍ଥାୟୀ କୃଷି ପ୍ରଣାଳୀ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବନ୍ୟା, ବାତ୍ୟା, ଦୁର୍ଭିକ୍ଷ, ସମୁଦ୍ରପତ୍ତନ ବୃଦ୍ଧି ଭଳି ପ୍ରାକୃତିକ ବିପତ୍ତି ବୃଦ୍ଧି ପାଉଛି। ଫଳରେ ଏଥି ଯୋଗୁଁ ବ୍ୟାପକ ଫସଲ ହାନୀ ହେଉଛି। ତେଣୁ କିଟ୍ ଓ କିସ୍ ଭଳି ଉତ୍କର୍ଷ ଉଚ୍ଚତର ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସ୍ଥାୟୀ କୃଷି ପ୍ରଣାଳୀ ଦିଗରେ ଶିକ୍ଷା ଓ ଗବେଷଣା କରିବା ଉଚିତ। ଶ୍ରୀ ସାମନ୍ତ ସ୍ୱାଗତ ଭାଷଣରେ କହିଲେ, କିଟ୍ ଓ କିସ୍ ହେଉଛି ଦୁଇଟି ସାମାଜିକ ଦାୟିତ୍ୱବୋଧ ଉପରେ ପର୍ଯ୍ୟବେସିତ ଅନୁଷ୍ଠାନ। ଏହି ଦୁଇ ଅନୁଷ୍ଠାନ ଅଧିକାଂଶ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିଆସୁଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ କହିଲେ, କିଟ୍ ବିଶ୍ୱବିଦ୍ୟାଳୟ ବିଶ୍ୱର ସମସ୍ତ ସଂସ୍କୃତିକୁ ଗୋଟିଏ ସ୍ଥାନରେ ଏକାଠି କରିବାର ପରିବେଶ ସୃଷ୍ଟି କରିପାରିଛି। ଆଜି ଏହା ୬୫ଟି ଦେଶର ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିପାରିଥିବା ବେଳେ କିଟ୍‌ର ପୁରାତନ ଛାତ୍ରଛାତ୍ରୀମାନେ ୭୦ଟି ଦେଶରେ କାର୍ଯ୍ୟ କରୁଛନ୍ତି। କିଟ୍‌ର ସଂସ୍କୃତି ଛାତ୍ରଛାତ୍ରୀଙ୍କୁ ବିଶ୍ୱ ନାଗରିକ ଭାବେ ଗଢ଼ି ତୋଳିଥାଏ ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ କିସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଭାରତ ମୁଖ୍ୟ ପାରାଜୁଲି ସ୍ୱାକ୍ଷର କରିଥିବା ବେଳେ କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

## ଭୁବନେଶ୍ୱର ବ୍ଲକର ୨ଟି ସ୍ଥାନରେ ରାଜ୍ୟ ସଭାପତିଙ୍କ ପଂଚାୟତ ନିର୍ବାଚନୀ ପ୍ରଚାର


## ହିଂସା ଶାସକ ବିଜେଡିର ମୁଖ୍ୟ ଅସ୍ତ୍ର ସାଜିଛି: ସମୀର ମହାନ୍ତି

ଭୁବନେଶ୍ୱର, ୧୬।୨(ପି.ଏନ): ରାଜ୍ୟର ଅଧିକାଂଶ ଗ୍ରାମାଂଚଳରେ ବିଜୁଳି ଖୁଂଟ ଅଛି, କିନ୍ତୁ ଲାଇଟ ଜଳୁନାହିଁ। ଡ୍ରେନ ଓ ସ୍ୱେରେଜ ବ୍ୟବସ୍ଥା ନଥିବା କାରଣରୁ ରାସ୍ତା ଉପରେ ପାଣି ଜମା ରହୁଛି। ଆବର୍ଜନା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଫେଲ ମାରିଥିବାରୁ ଗ୍ରାମାଂଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ରାଜ୍ୟର ଗ୍ରାମାଂଚଳର ତ୍ୱରାନ୍ୱିତ ବିକାଶ ଓ ଭିତିଭୂମିକୁ ଆହୁରି ଅଧିକ ସୁଦୃଢ କରାଯିବାର ମୂଳ ଉଦ୍ଦେଶ୍ୟ ରଖି ମୋଦି ସରକାର ୧୪ଦଶ ଓ ୧୫ଦଶ ଅର୍ଥ କମିଶନ ଜରିଆରେ ପଂଚାୟତକୁ ସିଧାସଳଖ ଟଙ୍କା ଦେଲେ। ଜନସଂଖ୍ୟା ଆଧାରରେ ୨୦୧୪ ମସିହାରୁ ପ୍ରତି ବର୍ଷ ପଂଚାୟତକୁ ୪୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଦିଆଗଲା। ମାତ୍ର ଦୁର୍ଭାଗ୍ୟର ବିଷୟ, ବର୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଗ୍ରାମାଂଚଳରେ ବିକାଶ ପହଂଚି ପାରିନାହିଁ। ରାଜଧାନୀ ଭୁବନେଶ୍ୱର ଉପକଂଠରେ ଥିବା ଗ୍ରାମାଂଚଳରେ ଆଜି ମଧ୍ୟ ସଠିକ ବିକାଶ ହୋଇପାରିଲା ନାହିଁ। ଶାସକ ବିଜେଡିର ରାଜନୈତିକ ଇଚ୍ଛାଶକ୍ତିର ଅଭାବ କାରଣରୁ ରାଜ୍ୟର ଗ୍ରାମାଂଚଳରେ ସଠିକ ବିକାଶ ହୋଇପାରିଲା ନାହିଁ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ଚଳିତ ପଂଚାୟତ ନିର୍ବାଚନ ପ୍ରଚାର ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ଭୁବନେଶ୍ୱର ବ୍ଲକ ଜୋନ-୨୯ର ନଁପୁଟ ଗ୍ରାମ ପଂଚାୟତର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ସୁଜିତ କୁମାର ବଳବନ୍ତରାୟ ଏବଂ ଜୋନ-୩୦ର ବରିମୁଣ୍ଡ ପଂଚାୟତର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥିନୀ ସୁସ୍ମିତା ପତିଙ୍କ ସପକ୍ଷରେ ଭୋଟ ପ୍ରଚାର କରିଛନ୍ତି । ଏହି ଅବସରରେ ଜିଲ୍ଲା ସଭାପତି ବାବୁ ସିଂ, ଜଟଣୀ ବିଧାୟକ ପ୍ରାର୍ଥୀ ବିଶ୍ୱରଂଜନ ବଡଜେନା ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।ରାଜ୍ୟରେ ରାଜନୈତିକ ପରିବର୍ତନର ହାୱାକୁ ଉପଲବ୍ଧ କରି ଶାସକ ବିଜେଡି ବର୍ତମାନ ସରକାରୀ କଳ, ବଳ ଓ ଅର୍ଥର ଅପବ୍ୟବହାର କରିବା ସହିତ ବିରୋଧୀମାନଙ୍କୁ ପୋଲିସ ଓ ପ୍ରଶାସନ ସହାୟତାରେ ଭୟଭୀତ କରିବାର ଅପପ୍ରୟାସ ଆରମ୍ଭ କରିଦେଇଛି । ହିଂସା ଶାସକ ବିଜେଡିର ମୁଖ୍ୟ ଅସ୍ତ୍ର ସାଜିଛି। ଦୁର୍ନୀତିମୁକ୍ତ ଓ ଭ୍ରଷ୍ଟାଚାରମୁକ୍ତ ଶାସନ ଜରିଆରେ ଲୋକଙ୍କୁ ସେବା ଏବଂ ସୁଶାସନ ଦେବା ପାଇଁ ଭାରତୀୟ ଜନତା ପାର୍ଟି ସଂକଳ୍ପବଦ୍ଧ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।







# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ





ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରିରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ସ୍ୱରେଜ୍ ବୋର୍ଡ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ତଥା ଅନିୟମିତତା ପ୍ରତିବାଦରେ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି । ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଯଥାରେ ବିଳମ୍ବ ସହରବାସୀଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିଛି । ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ବାରମ୍ବାର ଏ ସମ୍ପର୍କରେ ସ୍ୱରେଜ୍ ବୋର୍ଡ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସମେତ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେହେଁ କାମରେ ସ୍ୱଚ୍ଛତା ଆସୁନାହିଁ କି ଉନ୍ନତମାନର କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ । ଗତ ୫ ମାସ ତଳେ ୪ ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପ୍ରକଳ୍ପ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେହେଁ ଏ ପର୍ଯ୍ୟ' ୨୦% କାର୍ଯ୍ୟ ବାକି ରହିଛି ବୋଲି କଂଗ୍ରେସ ତରଫରୁ ଅଭିଯୋଗ କରାଯାଇ ପ୍ରକଳ୍ପ କାର୍ଯ୍ୟାଳୟକୁ ଘେରାଉ କରାଯିବା ସହିତ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୭ ମସିହା ଜାନୁୟାରୀ ମାସରେ ପ୍ରାୟ ୩୪୦ କୋଟି ଟଙ୍କା ବ୍ୟୟ ମୁରୀରେ ଆରମ୍ଭ କରାଯାଇଥିବା ରାଉରକେଲା ସ୍ୱରେଜ ପ୍ଲାଣ୍ଟ ପ୍ରକଳ୍ପ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବାକୁ ଧାର୍ଯ୍ୟ କରାଯାଇଥିଲେ ହେଁ ସମ୍ପ୍ରତି ୫ ବର୍ଷ ପୂର୍ଣ୍ଣ ହେବାକୁଯାଉଛି । ତେବେ ଏହି ସମୟ ମଧ୍ୟରେ ସହରର ମୁଖ୍ୟମାର୍ଗ, ତାରିଣୀ ମନ୍ଦିର ନିକଟ ଏବଂ ଏସ୍‌ଟିଆଇ ବିରଜାପାଲ୍ଲୀ ମଧ୍ୟସ୍ଥ ରାସ୍ତାରେ ପାଇପ୍ ବିଛାଯାଇନଥିବା ବେଳେ ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଠାରୁ ବିଏସ୍‌ଏନ୍‌ଏଲ୍ ଛକ ଓ ବାସଂ1 କଲୋନୀ ପାଣି ଟାଙ୍କି ଇତ୍ୟାଦି ଅଞ୍ଚଳରେ ଏ ପର୍ଯ୍ୟ' ପାଇପ୍ ବିଛାଯାଇ ନାହିଁ । ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଛେଣ୍ଡ, ଜେଲ ରୋଡ୍, କଳିଙ୍ଗ ବିହାର ରାସ୍ତା, ପାନପୋଷ ବସ୍ତି ଇତ୍ୟାଦି ଅଞ୍ଚଳରେ ନିର୍ମିତ ରାସ୍ତା ବ୍ୟାପକ ଦୁର୍ନୀତି ଓ ନିମ୍ନମାନ ଯୋଗୁଁ ବିଭିନ୍ନ ସ୍ଥାନରେ ଦବିଯାଇ ଯାତାୟତ ଉପଯୋଗୀ ହୋଇ ରହିନାହିଁ । ବିଭିନ୍ନ ସ୍ଥାନରେ ପାଇପ୍ ଲାଇନର ମେନ ହୋଲ ରାସ୍ତା ସହିତ ସମତଳ ନ ହୋଇ କେଉଁଠି ଉଚ୍ଚା ତ ଆଉ କେଉଁଠି ନିଚା ରହିଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି । ବିଭିନ୍ନ ସ୍ଥାନରେ ପାଇପ୍ ବିଛାଗଲା ବେଳେ ଆବଶ୍ୟକୀୟ ଚିପ୍‌ସ ଓ ବାଲି ଫିଲିଙ୍ଗ କରାଯାଇନଥିବାରୁ ରାସ୍ତାସବୁ ଦବିଯାଉଛି । ସେହିପରି ଛେଣ୍ଡ ବ୍ୟାଙ୍କ କଲୋନୀ ଅଞ୍ଚଳରେ ପାଇପ୍ ବିଛାଯାଇଥିଲେ ହେଁ ଏ ପର୍ଯ୍ୟ' ତାକୁ ମୁଖ୍ୟ ଲାଇନ୍ ସହ ସଂଯୋଗ ନ କରି ସେ ବାବଦ ବିଲ୍ ଅର୍ଥକୁ ହଡପ କରାଯାଇଛି । ବ୍ୟାଙ୍କ କଲୋନୀ ଅଞ୍ଚଳରୁ ଛେଣ୍ଡ ଅଞ୍ଚଳକୁ ପାଇପ୍ ସଂଯୋଗ ପାଇଁ ସମସ୍ୟା ରହିଥିବାରୁ କର୍ତ୍ତୃପକ୍ଷ ଏହାକୁ ଏଡାଇଯିବା ପାଇଁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସମୁଦାୟ ୪ଟି ପମ୍ପ ହାଉସରୁ ଏ ପର୍ଯ୍ୟ' ମାତ୍ର ଗୋଟିଏ ଚାଲୁଥିବା ବେଳେ ବାକି ତିନୋଟି ଏ ପର୍ଯ୍ୟ' ଚଳନକ୍ଷମ ହୋଇନାହିଁ । ଅପରପକ୍ଷରେ ଗତ ଫେବୃଆରୀ ମାସରେ ମୁଖ୍ୟମନ୍ତ୍ରୀଙ୍କୁ ଆଣି ଏହି ପ୍ରକଳ୍ପର ଲୋକାର୍ପଣ କରି ରାଉରକେଲାବାସୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ମଧ ଠକାଯାଇଛି ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ତେବେ ଏ ସମସ୍ତ ସମସ୍ୟାକୁ ନେଇ ଜିଲ୍ଲା କଂଗ୍ରେସ ବାରମ୍ବାର ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେହେଁ କେବଳ ମିଥ୍ୟା ପ୍ରତିଶ୍ରୁତି ବ୍ୟତୀତ ଅନ୍ୟ କିଛି ହେଉନଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ଓ ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ କଂଗ୍ରେସ ତରଫରୁ ଦୀର୍ଘ ଅଢେଇ ଘଣ୍ଟାରୁ ଅଧିକ ସମୟ ଧରି କାର୍ଯ୍ୟାଳୟକୁ ଘେରାଉ କରାଯିବା ସହିତ କାର୍ଯ୍ୟାଳୟରେ ତାଲା ମାରି ଦିଆଯାଇଥିଲା । ଏହି ଅବସରରେ ଶ୍ରୀ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ବିକ୍ଷୋଭ ସଭାରେ ଶ୍ରୀ ସେନାପତିଙ୍କ ସମେତ ଉପସଭାପତି ଦେବବ୍ରତ ବିହାରୀ, ସଂତୋଷ ବିଶ୍ୱାଳ, କୀର୍ତ୍ତନ ଦାସ, ଇନଟକ ଅଧ୍ୟକ୍ଷ ନିହାର ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ମୁଖପାତ୍ର ଇଂ.ଆର୍.ପି. ସିଂହ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି ସ୍ୱରେଜ୍ ବୋର୍ଡର ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପ କାର୍ଯ୍ୟ ରାଉରକେଲା ବାସୀଙ୍କ ପାଇଁ ଦୁଃଖର କାରଣ ସାଜିଥିବା ବେଳେ ସ୍ଥାନୀୟ ବିଧାୟକ ସାରଦା ନାୟକ ଓ ସାଂସଦ ଜୁଏଲ ଓରାମ ଏ ସମ୍ପର୍କରେ ମୁହଁ ନ ଖୋଲି ସ୍ୱରେଜ୍ ବୋର୍ଡ ଏବଂ ଠିକାସଂସ୍ଥା ଏଲ୍‌ଆଣ୍ଡଟିର ଦୁର୍ନୀତି ଓ ନିମ୍ନମାନର କାର୍ଯ୍ୟକୁ ସମର୍ଥନ ଦେବା ବିଡମ୍ବନାର ବିଷୟ ବୋଲି କହିଥିଲେ । ଠିକା କମ୍ପାନୀ ଏଲ୍‌ଆଣ୍ଡଟିର ଖରାପ କାର୍ଯ୍ୟ ଓ ଦୁର୍ନୀତି ପାଇଁ ସ୍ୱରେଜ୍ ବୋର୍ଡ ବଦନାମ ହେଉଥିଲେହେଁ ବୋର୍ଡର ପ୍ରକଳ୍ପ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ ବିନା ମୂଲ୍ୟରେ ବାଲୁଘାଟରେ ଥିବା ସ୍ୱରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିସରର ଅଫିସ ଗୃହ ଓ ଗେଷ୍ଟହାଉସକୁ ଉକ୍ତ କମ୍ପାନୀକୁ ବ୍ୟବହାର ପାଇଁ ଛାଡିବା ଓ ଉଭୟ ସ୍ୱରେଜ୍ ବୋର୍ଡ ଓ ଏଲ୍‌ଆଣ୍ଡଟି କମ୍ପାନୀ ମଧ୍ୟରେ ଥିବା ମଧୁଚନ୍ଦ୍ରିକାକୁ ସ୍ପଷ୍ଟ କରୁଛି ବୋଲି ଅଭିଯୋଗ କରିଥିଲେ । ଆସନ୍ତା ୭ ଦିନ ମଧ୍ୟରେ ସ୍ୱରେଜ୍ ପ୍ଲାଣ୍ଟ ପରିସରରୁ ଏଲ୍‌ଆଣ୍ଡଟିର ଅଫିସ୍ ଓ ଗେଷ୍ଟ ହାଉସ୍ ଖାଲି କରିବାକୁ କଂଗ୍ରେସ ନେତୃବୃନ୍ଦ ଦାବି କରିଛନ୍ତି । ଅନ୍ୟଥା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ କଂଗ୍ରେସ ପକ୍ଷରୁ ତାଲା ପକାଯିବ ବୋଲି ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ମହିଳା ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୁର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ ଓ ସରସ୍ୱତୀ ଭୂମିଜ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ସୁନୀଲ ସିଂହ, ସୁନୀତା ଲାକ୍ରା, ଅମ୍ରିତ କୌର, କାର୍ଯ୍ୟନିର୍ବାହୀ ସଦସ୍ୟ ମହମ୍ମଦ ମୁର, ଜିତେନ୍ଦ୍ର ଦାସ, ରୁକସାନା ବେଗମ, ଭାସ୍କର ଖିଲ୍ଲାର, ବରିଷ୍ଠ ନେତା ବରିୟମ ସିଂହ, କୃଷକ କଂଗ୍ରେସ ଅଧ୍ୟକ୍ଷ ମନମୋହନ ଓରାମ, ବ୍ଲକ୍ ସଭାପତି ଧୁସୋ ନାୟକ, ସୁନୀଲ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ରେହେମାନ ଖାନ, ଏମ୍‌ଡି ସଲ୍ଲାଉଦ୍ଦିନ, ପ୍ରତାପ ସାହୁ, ଲୋକନାଥ ଭୂମିଜ, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, ଉମେଶ ବେହେରା, ଦିଲ୍ଲୀପ ଜେନା, ବୁଲୁ ଦାସ, କୁଅଁରସିଂହ ପିଙ୍ଗୁ, କାର୍ତ୍ତିକ ବେଉରିଆ, ଅନୀଲ ଦାସ, ସୋନୁ ସାହୁ, ଶୁକ୍ରା ହେମ୍ରମ, ଜ୍ଞାନରନ କର, ସାମାଜିକ ଗଣମାଧ୍ୟମ ସଂଯୋଜକ ବିଶ୍ୱଜିତ ସାହୁ, ଧର୍ମାନନ୍ଦ ନାୟକ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# କୋଟିଆ ବିବାଦ



ନିକଟରେ ପଡୋଶୀ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଜଗନ ରେଡ଼ି, ଓଡିଶା ଆସି ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ନବିନ ପଟ୍ଟନାୟକଙ୍କ ସହ, ଉଭୟ ପଡୋଶୀ ରାଜ୍ୟ ମଧ୍ୟରେ ଲାଗି ରହିଥିବା ସୀମା ଓ ଜଳ ବିବାଦର ଆପୋଷ ସମାଧାନ ପାଇଁ ଆଲୋଚନା କରି ଫେରି ଯାଇଛନ୍ତି । ଏହାକୁ ଆମ ରାଜ୍ୟର କେତେକ ବାହାପିଆ ନେତା, ଆନ୍ଧ୍ରର ଆତ୍ମସମର୍ପଣ ବୋଲି କହି ରାଜନୈତିକ ବାହାଦୁରୀ ଦେଖାଇବାରେ ହେଳା କରିନାହାନ୍ତି । ବାସ୍ତବରେ ନିଜ ରାଜ୍ୟର ମଙ୍ଗଳ ପାଇଁ ଜଗନଙ୍କର ଏହା ଏକ ସାହସିକ ପଦକ୍ଷେପ । କିଛିଦିନ ତଳେ ଓଡିଶା, ସୁପ୍ରିମକୋର୍ଟରେ କରିଥିବା କୋଟିଆ ମାମଲାର ରାୟ ଦେଇ ମାନ୍ୟବର କୋର୍ଟ କହିଛନ୍ତି ଯେ, ଏହି ମାମଲା କୋର୍ଟର ପରିସରଭୁକ୍ତ ନୁହେଁ । ନିଜ ମଧ୍ୟୟରେ ଆଲୋଚନା କରାଯାଇ ଏହାର ସମାଧାନ କରାଯାଉ । ଏହି ରାୟକୁ ସମ୍ମାନ ଜଣାଇ ଜଗନ ଆଗେ ଆସି ଆଲୋଚନା କରିଛନ୍ତି, ଯାହାକି ପରବର୍ତ୍ତୀ କାଳରେ ସେ ଓଡିଶାର ଅସହଯୋଗ ମନୋଭାବ ଦାବି କରିପାରିବେ ।

ଉଭୟ ରାଜ୍ୟର ସୀମା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ରୂପେ ନିର୍ଦ୍ଧାରଣ ହୋଇପାରିନି । ତାହା ଫଳରେ ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡା ଜିଲ୍ଲାମାନଙ୍କରେ ସୀମାକୁ ନେଇ ବିବାଦ ଲାଗିରହିଛି । ଗୋଟିଏ ଗାଁର ଫାଳେ ଓଡିଶାରେ ତ ଫାଳେ ଆନ୍ଧ୍ରରେ ରହିଛି । ସଂଖ୍ୟାଧିକ ଲୋକ ତେଲଗୁ ଭାଷାରେ କଥା କୁହନ୍ତି । ରାୟଗଡା, ପାରଳାଖେମଣ୍ଡି, ଗୁଣୁପୁରରେ ଓଡିଆ ଖୁବ କମ ଲୋକ କୁହନ୍ତି । ବାଲିମେଳା ଯୋଜନା ହେଲାପରେ ଜଳଭଣ୍ଡାର ଦ୍ୱାରା ଅନେକ ଗ୍ରାମ ଆମର ମୁଖ୍ୟ ଭୂଖଣ୍ଡରୁ ବିଛିନ୍ନ ହୋଇ ଆନ୍ଧ୍ର ଉପରେ ସର୍ବଦା ନିର୍ଭରଶୀଳ ହୋଇ ପଡିଛନ୍ତି ।

ସ୍ୱାଧିନତା ପରେ ଉଭୟ ରାଜ୍ୟ ସହଯୋଗରେ ମାଛକୁଣ୍ଡ ଓ ବାଲିମେଳା ଯୋଜନା କାର୍ଯ୍ୟକାରୀ ହୋଇ ଉଭୟ ରାଜ୍ୟ ଉପକୃତ ହେଉଛନ୍ତି । ପରବର୍ତ୍ତୀ କାଳରେ ସହଯୋଗ ବଦଳରେ ବିରୋଧ ଓ ଅସହିଷ୍ଣୁତା ସୃଷ୍ଟି ହୋଇଛି । ଆମ ରାଜ୍ୟ ସରକାର କୌଣସି ଯୋଜନା ନକରି ଅନ୍ୟକୁ କେବଳ ବିରୋଧ କରି ବାରମ୍ବାର ଅପଦସ୍ତ ହେଉଛନ୍ତି । ୧୯୩୬ ମସିହା ପୂର୍ବରୁ ଗଞ୍ଜାମ ଜିଲ୍ଲା, ଜୟପୁର ଓ ପାରଳାଖେମଣ୍ଡି ଜମିଦାରମାନ ମାଡ୍ରାସ ପ୍ରେସିଡେନସି (ଆନ୍ଧ୍ର) ଅଧିନରେ ଥିଲା । ବିଶାଖାପାଟଣାରେ ଅବସ୍ଥାପିତ ବ୍ରିଟିଶ ଏଜେଣ୍ଟ ଏଗୁଡିକର ଶାସନ ବୁଝୁଥିଲେ ।୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ଓ ଉଭୟ ଜମିଦାରୀ ବିଭକ୍ତ ହୋଇ କିଛି ଓଡିଶା ଓ କିଛି ମାଡ୍ରାସ (ଆନ୍ଧ୍ର) ପ୍ରେସିଡେନସିରେ ମିଶିଲା । କୋଟିଆ ଗ୍ରାମପୁଞ୍ଜର ୨୮ଟି ଗ୍ରାମ ଓ ୮ଟି ପଡାରୁ ୨୧ଟି ଓଡିଶାରେ ମିଶିଲା । ୧୯୫୩ ମସିହାରେ ସ୍ୱତନ୍ତ୍ର ଆନ୍ଧ୍ର ପ୍ରଦେଶ ଗଠନ ପରେ ଏହି ଗ୍ରାମମାନ ସାଲୁର ଜମିଦାରୀର ଅର୍ନ୍ତଗତ ଓ ଏହା ଆନ୍ଧ୍ରର ବୋଲି ଦାବି ଉଠିଲା । ବର୍ତ୍ତମାନ ଓଡିଶାର ଏହା ପଟାଙ୍ଗି ତହସିଲ ଓ ସାଲୁର ତହସିଲର ଅନ୍ତର୍ଗତ ହୋଇଛି । ଆନ୍ଧ୍ର ଏହାକୁ ନିଜର ସାଲୁର ତହସିଲ ଓ ବିଧାନସଭା କ୍ଷେତ୍ର ତଥା ଆରକୁ ସାଂସଦ କ୍ଷେତ୍ରର ବୋଲି ଦାବି କରୁଛି । ଲୋକସଂଖ୍ୟା ପ୍ରାୟ ୮ହଜାର । ରଣା, ପରଜା, ଡୋରା, ଜନ୍ଧ ସଂପ୍ରଦାୟର ଆଦିବାସୀ ଲୋକମାନେ ୪୦୦୦ ଫୁଟ ପାହାଡ ଉପରେ ଛୋଟ ଛୋଟ ଗ୍ରାମମାନଙ୍କରେ ବାସ କରନ୍ତି (Hill top villages)। ଗ୍ରାମଗୁଡିକ ହେଲା, ତଳ ଗଂଜେଇ ପଦର, ଧୁଳିପଦର, ଫୁଟ ସିନେରି, ଫଗୁ ସିନେରି, ମାତକାର, ବାର୍ଣ୍ଣ ପାଟୁଚଳ, ତଳସେମି, ଉପର ସେମି, ଡୋଲି ଆମ୍ବ, ଡକୁବାଲସା, ତାଡି ବାଲସା, ନାରେଡି ବାଲସା, ସଲପ ଗୁଡା, ପନିକି, ରଣାସିଂ, କୁରୁଡି ପଦର, ସାମାରାଗା, ହରମାଣ୍ଡୁଇ, ମହି ପାଣି ମାଡାଲାମ, ଗୁଡେଲ ପଦର, କାଟ୍ରାଗୁଡା,ଫୁଲ ପଦର, ସାଲେମ ପଦର, ମାଥାଲାମ, ଗୋଡି ଆମ୍ବ, ସୁଲିଆ, ମାରି ଉପର, ପନିକି, ତଳ କାଣ୍ଟର ଓ ସିନେ ପଦର ।

୧୯୫୬ ମସିହାରେ ଏହି ମାମଲା ସୁପ୍ରିମକୋର୍ଟ ଗଲା ପରେ ସ୍ଥିତାବସ୍ଥା, ବଜାୟ ପାଇଁ ଆଦେଶ ଦିଆଗଲା । ଓଡିଶା ସରକାର ଏହି ଅଂଚ-ଳ କଥା ଭୁଲିଗଲେ । କୌଣସି ଅଫିସର କି ଜନପ୍ରତିନିଧିଙ୍କ ପାଦ ସେଠାରେ ପଡିଲା ନାହିଁ । ଏହାର ସୁଯୋଗ ନେଇ ଆନ୍ଧ୍ର ସରକାର ନିଜ ତରଫରୁ ରାସ୍ତା, ବିଜୁଳିବତି, ସ୍ୱାସ୍ଥ୍ୟସେବା, ଆବାସିକ ବିଦ୍ୟାଳୟ, ଅଙ୍ଗନ ବାଡି କେନ୍ଦ୍ର ଆଦି ସ୍ଥାପନ କରି ଲୋକଙ୍କୁ ନିଜ ଆଡକୁ ଆକୃଷ୍ଟ କରିଦେଲେ । ସ୍ୱୟଂସେବୀ ମାନେ ଘର ଘରକୁ ଯାଇ ସେମାନଙ୍କର ଅଭାବ ଅସୁବିଧା ବୁଝି ତାହାର ନିରାକରଣ କଲେ । ନିୟମିତ ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ଚିକିତ୍ସା କ୍ୟାମ୍ପମାନ କଲେ । ସେଠାରେ ରହୁଥିବା ରଣା ଓ ଦୋରା, ଯେଉଁମାନେ ଓଡିଶାରେ ଅନୁସୂଚିତ ଜାତି ନୁହଁନ୍ତି, ସେମାନଙ୍କୁ ଅନୁସୂଚିତ ଜାତି ସୁବିଧା ଦେଲେ । ଓଡିଶାଠାରୁ ଢେର ଅଧିକ ଭତ୍ତା ଓ ଚାଉଳ ଦେଲେ । ନିୟମିତ ଲୋକସଂପର୍କ ରଖିଲେ । ଗ୍ରାମସଭାମାନ କଲେ । ଗ୍ରାମମାନଙ୍କର ନାମ ତେଲଗୁରେ ଦେଇ ବୋର୍ଡମାନ ମାରିଲେ । ଅନ୍ୟପକ୍ଷରେ ଦୀର୍ଘଦିନ ପରେ ଯେତେବେଳେ ଆନ୍ଧ୍ର ପଂଚାୟତ ନିର୍ବାଚନ ପାଇଁ ବାହାରିଲା (୨୦୨୦), ଓଡିଶା ସରକାରଙ୍କ ଚେତା ପଶିଲା । ହଠାତ୍ ସମସ୍ତେ କୋଟିଆମୁହାଁ ହେଲେ । ସରକାର ୧୫୦ କୋଟି ଟଙ୍କା ଅଜାଡି ଦେଲେ । ଚକ ଚକ ରାସ୍ତା, କୋଠା, ବିଦ୍ୟାଳୟ, ହସପିଟାଲ ରାତାରାତି ଗଢି ଉଠିଲା । ନିର୍ବାଚନକୁ ନଯିବା ପାଇଁ ଲୋକଙ୍କୁ ଅନୁରୋଧ କରାଗଲା । ଦିନେ ନାହିଁ କାଲେ ନାହିଁ ପୁଣ ପୁନେଇଁରେ ମାଇଁ ମାଇଁ, ଭଳି ନେତାମାନେ କୋଟିଆ ଆଦିବାସୀଙ୍କ କାନ୍ଧରେ ହାତ ପକାଇଲେ । ପୋଲିସ ମୁତୟନ ହେଲା । ଆନ୍ଧ୍ରବାଲା ଯେପରି ପଶି ନ ଆସନ୍ତି, ବାରିକାଡ ନିର୍ମାଣ ହେଲା । ସୁପ୍ରିମକୋର୍ଟ ନିର୍ବାଚନ ଉପରେ ରହିତାଦେଶ ଦେବାକୁ ମନାକଲେ । ସତେ ଯେମତି ଆମେ ପଡୋଶୀ ନୁହଁ ଶତ୍ରୁ ଚୀନ ସହିତ ଲଢୁଛୁ । ଆମ ବଳଛଡା ଏମଏଲଏମାନେ ଆନ୍ଧ୍ର ଲୋକଙ୍କୁ ବାଡାଅ ବୋଲି ହୁଙ୍କାର ଛାଡିଲେ । ମାତ୍ର ଲୋକମାନେ ବାରିକେଡ ଭାଙ୍ଗି ୨୦୨୦ ଫେବୃଆରୀ ୧୩ରେ ଆନ୍ଧ୍ର ପାଖରେ ଭୋଟଦେଲେ । ଯିଏ ଦେଲା ତାକୁ ଆମେ ମାଉସି କହିବୁ । ଫଳରେ ବର୍ତ୍ତମାନ ସେମାନଙ୍କ ପାଖରେ ଦୁଇଟି ରେସନ କାର୍ଡ, ଦୁଇଟି ଭୋଟର କାର୍ଡ ରହିଛି । ଦୁଇଜଣ ସରପଂଚ, ବିଶ୍ୱନାଥ ଖିଲ (ଓଡିଶା) ଓ ବିଶୁ ଗାମେଲ (ଆନ୍ଧ୍ର) ଅଛନ୍ତି । ଉଭୟ ରାଜ୍ୟରୁ ସହାୟତା ପାଇଛନ୍ତି । ଓଡିଶା ସରକାରଙ୍କ ଅବହେଳାକୁ କୋରାପୁଟର ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡା ସ୍ୱୀକାର କରି କହିଛନ୍ତି, "ବହୁତ ଡେରିରେ ଆମେ ଉନ୍ନୟନ କାମ ଆରମ୍ଭ କଲେ । ସେତେବେଳକୁ ଆନ୍ଧ୍ର ବହୁତ ଆଗେଇଗଲାଣି ।" ଏପରିକି ବିଜେଡି ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ମଧ୍ୟ କହିଛନ୍ତି,"ମୁଁ ସରକାରଙ୍କୁ କୋଟିଆ ବିଷୟରେ ଅନ୍ଧ ଭାବରେ ସମର୍ଥନ କରିପାରିବି ନାହିଁ ।"

କିଛିବର୍ଷ ତଳୁ ପଟାଙ୍ଗି ପାଖ ବାଟ ଦେଇ ଆନ୍ଧ୍ର କୋଟିଆକୁ ସୁନ୍ଦର ରାସ୍ତା, ହାଇମାକ୍ସ ଲାଇଟ ଲଗାଇବା ସମସ୍ତେ ଦେଖୁଥିଲେ ମଧ୍ୟ କିଛି ପଦକ୍ଷେପ ନେଉ ନ ଥିଲେ । ଯେପରି ମହାନଦୀରେ ଛତିଶଗଡ ବ୍ୟାରେଜ ତିଆରି କରିବା କଥା ଜାଣିପାରୁ ନ ଥିଲେ । ନିଜ ଲୋକଙ୍କ ପାଇଁ କିଛି ନକରି ଅନ୍ୟ ସହିତ କଳି କରି ନାଟକ କରିବା ଆମର ଅଭ୍ୟାସ । ମହାନଦୀ ନାଟକ ବେଶ କିଛିଦିନ ଚାଲିଲା । ରମଣ ସିଂଙ୍କ କୁଶପିତୁଳା ଦାହ କରାଗଲା । ଜଳ ସତ୍ୟାଗ୍ରହ, ଡ୍ୟାମ ପାଖକୁ ନେତାଙ୍କ ଯାତ୍ରା, ମାନବ ଶୃଂଖଳ ତିଆରି, କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତ୍ରଣକୁ ଉପେକ୍ଷା, ସୁପ୍ରିମକୋର୍ଟ ମାମଲା, ସବୁ ହେଲା । ହେଲେ ମହାନଦୀର ଜଳକୁ ମଧ୍ୟ ଆମେ ବ୍ୟବହାର କରିପାରିଲୁ ନାହିଁ । ସେହିପରି ପୋଲାଭରମ ନାଟକ, ସ୍ୱତନ୍ତ୍ର ରାଜ୍ୟ ଦାବି, ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବି, ରସଗୋଲା ନାଟକ ବେଶ କିଛି ଦିନ ଚାଲିଲା । ବଂଶଧାରା ଜଳ ପାଇଁ ନେରଡା, କାଟ୍ରାଗୁଡା ବ୍ୟାରେଜ ଆନ୍ଧ୍ର କଲାବେଳେ ଆମେ ଭକୁଆଙ୍କ ଭଳି ଚାହିଁ ଖାଲି ବିରୋଧ କରୁଛୁ ସିନା ନିଜ ପାଇଁ ଗୋଟିଏ କିଛି କରିପାରୁନୁ । ଗୋଟାଏ ଦେଶରେ ଲୋକଙ୍କ ପ୍ରବେଶ ଅଧିକାର ରୋକିବା ପାଇଁ ବାରିକେଡ କରିବା, ପୋଲିସ ମୁତୟନ କରିବା ଆଦୌ ଶୋଭନୀୟ ନୁହେଁ । ହୁଏତ ଏହା କୋର୍ଟରେ ଆମ ପକ୍ଷକୁ ଦୁର୍ବଳ ଭବିଷ୍ୟତରେ କରିପାରେ ।

ମୋ ନିଜ ଅନୁଭୂତିର କଥା । ୧୯୮୦ ମସିହା ବୋଧେ । ଡାବୁଗାଁରେ ମେଡିକାଲ ଅଫିସର ଥାଏ । କୋଟିଆ ପାଇଁ ରାଜ୍ୟରେ ତତ୍ପରତା ଆରମ୍ଭ ହେଲା । ଲୋକମାନେ ଜଗନ୍ନାଥ ମନ୍ଦିରଟିଏ ସେଠାରେ ତିଆରି କଲେ ।

କୋଟିଆରେ ଥିବା ମେଡିକାଲରେ ଅନ୍ତତଃ ଜଣେ ଫାର୍ମାସିଷ୍ଟ ଦେବାକୁ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଆଦେଶ ଆସିଲା । ତତ୍‌କାଳିନ ସିଡିଏମଓ ଡାକ୍ତର ପାଣି ଜଣେ ସ୍ୱେଚ୍ଛାରେ ସେଠାକୁ ଯାଉ, ସ୍ଥିର କଲେ ଓ ଜିଲ୍ଲାର ଅବସ୍ଥାପିତ ଫାର୍ମାସିଷ୍ଟ ମାନଙ୍କ ମତ ବୁଝିଲେ । ଥରେ ସେ ଡାବୁଗାଁ ଆସିଥିଲା ବେଳେ ସେଠାର ଯୁବ ଫାର୍ମାସିଷ୍ଟକୁ କୋଟିଆ ଯିବା ପାଇଁ ମନାଇବାରେ ସଫଳ ହେଲେ । କହିଲେ ଠିକ୍ ବର୍ଷକ ପରେ ସେ ତାକୁ ବଦଳି କରି ଭଲ ଜାଗାକୁ ନେଇଆସିବେ । ରାଜ୍ୟର କାମ କରିବ ଏହା ଭାବି ଫର୍ମାସିଷ୍ଟ ସେଠାକୁ ଗଲା । ମୁଁ ସେଠାରୁ ଅନ୍ୟତ୍ର ବଦଳି ହେଲି । ଅଳ୍ପଦିନ ପରେ ଗୁଣୁପୁର ବନ୍ୟାରେ ଅତ୍ୟଧିକ ପରିଶ୍ରମ ଯୋଗୁ ଡାଃ ପାଣିଙ୍କ ଦେହାନ୍ତ ହେଲା । ପ୍ରାୟ ଆଠ ବର୍ଷ ପରେ ମୋର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅଫିସରେ ଫାର୍ମାସିଷ୍ଟ ସହ ଦେଖାହେଲା । ବାଳ ଓ ଦାଢି ବଢି ସେ କିମ୍ଭୂତକିମାକାର ଦେଖାଯାଉଥାଏ । ବୟସ ଯେପରି ଆଠ ନୁହଁ ଅଠର ଆଗେଇ ଯାଇଛି । ସେ କହିଲା, "ମୋର ଆଠବର୍ଷ ସେଠାରେ ବିତିଗଲାଣି । ବିଦ୍ୟୁତ ପାଣି କିଛି ନାହିଁ । ଖାଇବାକୁ ମିଳୁନାହିଁ । ବଦଳି ପାଇଁ କହିଲେ କେହି ଶୁଣିବାର ନାହିଁ । ସେଠାରେ ଫାର୍ମାସିଷ୍ଟ ମେଡିକାଲ ସହ ପୋଷ୍ଟାଲ କାମ ଦାୟିତ୍ୱରେ ରହେ । ମୁଁ ଅନେକ ଦିନ ଅଶାନ୍ତିରେ ଘରକୁ ପଳେଇଗଲି । ଫଳରେ ପୋଷ୍ଟାଲ ଡିପାର୍ଟମେଣ୍ଟ ତରଫରୁ ପୋଲିସ ୱାରେଣ୍ଟ କରାଯାଇଛି । ପାଣି ସାରଙ୍କ କଥା ମାନିବାରୁ ମୋର ଏ ଫଳ ହେଲା ।"

ଏହି ହିଁ ଆମ ରାଜ୍ୟର ସ୍ଥିତି । ବର୍ଷା ଛାଡିଗଲେ ଏଠାରେ ସମସ୍ତେ ଛତା କଥା ଭୁଲି ଯାଆନ୍ତି । କାଲି ଯଦି କୋର୍ଟ ତରଫରୁ କୋଟିଆରେ ଜନମତ ସଂଗ୍ରହ କରାଯାଏ, ତାହାହେଲେ ଆମର ସ୍ଥିତି କେଉଁଠି ରହିବ, ତାହା ଆମ ନେତାମାନେ ଭଲଭାବେ ଜାଣନ୍ତି ।

**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍,*
*ଉମରକୋଟ, ନବରଙ୍ଗପୁର,*
*ମୋ: ୯୪୩୭୨୩୫୩୮୬*

## ଶାଳପଡା ପଂଚାୟତରେ ପାନୀୟଜଳ ସମସ୍ୟା

ଚଣ୍ଡିଖୋଲ (ପିଏନ)-ଚଣ୍ଡିଖୋଲର ପଶ୍ଚିମ ବଡ଼ଚଣା ଏକ ପାର୍ବତ୍ୟାଞ୍ଚଳ । ବିଶେଷକରି ଖରାଦିନେ ଏହିସବୁ ଅଞ୍ଚଳରେ ପାନୀୟଜଳର ସମସ୍ୟା ଦେଖିବାକୁ ମିଳିଥାଏ । ଖରାଦିନେ କୂଅ, ପୋଖରୀର ଜଳ ଓ ଭୂତଳ ଜଳସ୍ତର କମୁଥିବାରୁ ଲୋକମାନେ ବାଧ୍ୟହେଇ ନିକଟରେ ଥିବା ନାଳ ଓ ପୋଖରୀର ଦୂଷିତ ପାଣିକୁ ବ୍ୟବହାର କରିଥାନ୍ତି । ଏହି ସମସ୍ୟାକୁ ଦୂରୀଭୂତ କରିବାପାଇଁ ୨୦୧୭-୧୮ ମସିହାରେ ବେସରକାରୀ କମ୍ପାନୀ ଇଫକୋ-ଟୋକିଓ ତରଫରୁ ଶାଳପଡା ଗ୍ରାମରେ ୩ ଗୋଟି 'ସୌର ଚାଳିତ ଓଭରହେଡ଼ ଟାଙ୍କି' ସମେତ ଚାରିଗୋଛିଆ, ଗୋପାଳପୁର, ଗୋଡ଼ାସାହି ଓ କୁଅଁରିଆକୁଳ ଗ୍ରାମମାନଙ୍କରେ ୫ଟି କରି ସମୁଦାୟ ୮ଟି ପାଣି ପ୍ରୋଜେକ୍ଟ କରାଯାଇ ପାନୀୟଜଳର ସୁବିଧା କରାଯାଇଥିଲା ।୨୦୧୭-୨୦୨୦ ପର୍ଯ୍ୟନ୍ତ ଇଫକୋ-ଟୋକିଓ ସଂସ୍ଥା ଏହିସବୁ ପାଣି ପ୍ରୋଜେକ୍ଟର ମରାମତି ଦାୟିତ୍ୱ ୩ ବର୍ଷ ପର୍ଯ୍ୟନ୍ତ ତୁଲାଇଥିଲେ ଓ ପରେ ଅବଧି ଶେଷ ହେବାପରେ ସଂସ୍ଥା ଆଉ ମରାମତି ଦାୟିତ୍ୱ ନେଇ ନ ଥିଲା । ବର୍ତ୍ତମାନ ମରାମତି ଅଭାବରୁ ୮ ଗୋଟି ପାଣି ପ୍ରୋଜେକ୍ଟ କିଛି ସମ୍ପୂର୍ଣ ଓ ଆଉ କିଛି ଆଂଶିକ ଭାବେ ଅକାମି ହେଇ ରହିଥିଲା । ଗ୍ରାମର କିଛି ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସାହଯ୍ୟରେ ଦୁଇଗୋଟି କାର୍ଯ୍ୟକ୍ଷମ ହେଇପାରିଛି । ସେହିପରି ୨୦୧୫ ମସିହାରେ ଶାଳପଡା ଗ୍ରାମରେ ଟାଟା କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇଥିବା ୧ ଗୋଟି ସୌରଚାଳିତ ଓଭରହେଡ଼ ଟାଙ୍କି ମଧ ମରାମତି ଅଭାବରୁ ଅକାମି ହେଇପଡିରହିଛି । ପ୍ରତି ପ୍ରକଳ୍ପ ପାଇଁ ମୋଟ ୪ ଲକ୍ଷ ଟଙ୍କା ବ୍ୟୟବରାଦ ହେଇଥିବାବେଳେ ୮ ଗୋଟି ପ୍ରକଳ୍ପରେ ୩୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଇଥିବାବେଳେ ସାମାନ୍ୟ ମରାମତି ଅଭାବରୁ ଏହି ପାନୀୟଜଳ ପ୍ରକଳ୍ପଗୁଡିକ ଅଚଳ ହୋଇ ପଡ଼ିରହିଛି । ଫଳରେ ଗ୍ରାମବାସୀମାନେ ପିଇବା ପାଣିପାଇଁ ହଇରାଣ ହରକତ ହେଉଛନ୍ତି । ଆଗକୁ ଖରାଦିନ ଆସୁଥିବାରୁ ଏହି ପାନୀୟ ଜଳ ସମସ୍ୟା ଉତ୍କଟ ହେବାର ଆଶଙ୍କା ରହିଅଛି । ଯଥାଶୀଘ୍ର ଏହିସବୁ ପ୍ରକଳ୍ପଗୁଡିକର ମରାମତି କରିବାକୁ ଗ୍ରାମବାସୀମାନେ ଜିଲ୍ଲା ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବୀ କରିଛନ୍ତି ।

## ଯାଜପୁର ଜିଲ୍ଲା କୁକୁଡ଼ା ଫାର୍ମ ମାଲିକ ସଂଘର ବୈଠକ

ଚଣ୍ଡିଖୋଲ (ପିଏନ )-ଯାଜପୁର ଜିଲ୍ଲାରେ ଥିବା ସମସ୍ତ କୁକୁଡ଼ା ଫାର୍ମ ମାଲିକ ସଂଘର ଏକ ବୈଠକ ଗତ ବୁଧବାର ଚଣ୍ଡିଖୋଲର ଶୈବ ପୀଠ ମହାବିନାୟକ ଠାରେ ଅନୁଷ୍ଠିତ ହେଇଥିଲା । ବିଶେଷକରି କୋଭିଡ ସମୟରେ ଜିଲ୍ଲାର ବହୁ ମାଲିକ କୁକୁଡ଼ା ଚାଷରେ ବହୁ କ୍ଷତି ସହିବା ସହ ବହୁ କୁକୁଡ଼ା ଚାଷୀଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିଲା । ବହୁ ଚାଷୀ ବ୍ୟାଙ୍କରୁ ଋଣ ଆଣି ଏହି ଚାଷ କରିଥିବା ବେଳେ କୋଭିଡ ସମୟରେ କୁକୁଡ଼ାର ମୂଲ୍ୟ ଅତି ନିମ୍ନଗାମୀ ହେବାରୁ ଚାଷୀମାନେ ସେମାନଙ୍କର ଉଚିତ ମୂଲ୍ୟ ପାଇପାରି ନଥିଲେ । ଫଳରେ ସେମାନଙ୍କୁ ବହୁ କ୍ଷତି ସହିବାକୁ ପଡିଥିଲା । ଜିଲ୍ଲାର ଶତକଡା ୯୦ ଭାଗ କୁକୁଡ଼ା ଫାର୍ମ ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି । ସେମାନେ ଅଧିକାଂଶ ସମୟରେ ଉଚିତ ମୂଲ୍ୟ ନେଇ ଅତି ନିମ୍ନମାନର କୁକୁଡ଼ା ଖାଦ୍ୟ ଦେଇଥାନ୍ତି ଓ ଉନ୍ନତ ମାନର କୁକୁଡ଼ା ଛୁଆ ମଧ ଦେଇନଥାନ୍ତି । ବହୁ ସମୟରେ ଋଣ ପରିଶୋଧ ପାଇଁ ବ୍ୟାଙ୍କ ପକ୍ଷରୁ ବହୁ ମାଲିକ ଉପରେ ଜୁଲମ କରାଯାଇଥାଏ । ଚାଷରେ ଏହି କୁକୁଡ଼ା ଶିଳ୍ପ ଯାଉଥିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ଘରୋଇକରଣ ବିଲ ନକରି ବାଣିଜ୍ୟ ବିଲ ଜୋରକରି ଆଦାୟ କରୁଛନ୍ତି ଯାହାକୁ ନେଇ ବହୁ ସମୟରେ ବିଜୁଳି ବିଭାଗ କର୍ମଚାରୀ ଓ ମାଲିକ ଭିତରେ ବଚସା ହେଇଥାଏ । ସରକାରଙ୍କ ପାଖରେ କୁକୁଡ଼ା ଚାଷୀମାନଙ୍କର ପଂଜିକରଣ ନଥିବାରୁ ବହୁ ଚାଷୀ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏହିସବୁ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଏହି ବୈଠକେ ଆଲୋଚନା କରାଯାଇଥିଲା । ମାଲିକ ସଂଘର ରାଜ୍ୟ ସଂଯୋଜକ ନୀଳାଞ୍ଚଳ ପରିଡା, ଜିଲ୍ଲା ସଂଯୋଜକ ଶିଶିର କୁମାର ବାଗ, ରତିକାନ୍ତ ରାଉତରାୟ,ତପନ କୁମାର ପଲେଇ,ମାନସ କୁମାର ରାଉତ,ନୃସିଂହ ହୋତା ,ଅଲେଖ ସ୍ୱାଇଁ, ସୁଶାନ୍ତ ବେହେରା,ବିକାଶ ରଞ୍ଜନ ନାଥ ଓ ମାନସ ରଞ୍ଜନ ବରାଳ ପ୍ରମୁଖ ଯୋଗଦେଇ ସମସ୍ୟା ଉପରେ ଆଲୋକପାତ କରିବାସହ ଆଗାମୀ ଦିନରେ ସରକାରଙ୍କ ନିକଟରେ ସମସ୍ୟାଗୁଡ଼ିକୁ ଉପସ୍ଥାପନା କରିବାପାଇଁ ସ୍ଥିର କରାଯାଇଥିଲା । ଚଣ୍ଡୀଖୋଲର ପ୍ରତାପ ଗୋଛାୟତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ଶତାଧିକ ଚାଷୀ ଏହି ବୈଠକରେ ଯୋଗଦେଇଥିଲେ ।

## ମା' ରମାଦେବୀ ଥିଲେ ସେବା ଓ ସଂଗ୍ରାମର ମୂର୍ତ୍ତିମନ୍ତ ପ୍ରତୀକ



କେନ୍ଦ୍ରାପଡ଼ା (ପିଏନ୍): ଯେଉଁ ସମୟରେ ମହିଳାମାନଙ୍କ ପାଇଁ ଘରର ଏରୁଣ୍ଡି ବନ୍ଧ ଡେଇଁବା ଚିନ୍ତାର ବାହାରେ ଥିଲା ସେହି ସମୟରେ ଏକ ରକ୍ଷଣଶୀଳ ସାମାଜିକ ପରିବେଶରେ ଓଡିଶାର ପ୍ରଥମ ମହିଳା ଭାବେ ୧୯୨୧ ମସିହାରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ସମାଜ ସଂସ୍କାରରେ ନିଜକୁ ନିୟୋଜିତ କରିବା ସହ ନାରୀ ଜାଗରଣର ଅଗ୍ରଜା ଭାବରେ ରାଜ୍ୟବାସୀଙ୍କ ପାଖରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି ତ୍ୟାଗ, ତୀତିକ୍ଷା ତଥା ସେବା ଓ ସଂଗ୍ରାମର ମୂର୍ତ୍ତିମନ୍ତ ପ୍ରତୀକ ମା' ରମାଦେବୀ । ତାଙ୍କ ୧୨୩ତମ ଜୟନ୍ତୀ ଅବସରରେ ଅନ୍ନପୂର୍ଣ୍ଣା ମହାରଣା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସ୍ମରଣ ସଭାରେ ଯୋଗଦେଇ ଆଲୋଚକମାନେ ଏଭଳି ମତବ୍ୟକ୍ତ କରିଛନ୍ତି । ବିଶିଷ୍ଟ ସାହିତ୍ୟିକ ଡଃ. ବାସୁଦେବ ଦାସଙ୍କ ପରିଚାଳନାରେ ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ମରଣ ସଭାରେ କବି କରୁଣାକର ଦାସ, ମେଜର ଭରତ ଚନ୍ଦ୍ର ଜେନା, ଶ୍ରମିକ ନେତା ବାବାଜୀ ଧଳ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିବା ବେଳେ ଆଦିକନ୍ଦ ରାଉଳ ଆଭିମୁଖ୍ୟ ପ୍ରଦାନ ଓ ଶିକ୍ଷକ ଶରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଶୁଭାଂଶୁ ଦାସ, ରାମକୃଷ୍ଣ ଦାଶ, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ନୃସିଂହ ତ୍ରିପାଠୀ, ଅମୀୟ ନାୟକ, ଅଧ୍ୟାପକ ସୁଶାନ୍ତ ପାଣି, ଅଜୟ ପାତ୍ର, ରଞ୍ଜନ ବାଇ, ଅବିନାଶ ପଣ୍ଡା, ସନ୍ତୋଷ ପୋଥାଳ ପ୍ରମୁଖ ଯୋଗଦେଇ ମା' ରମାଦେବୀଙ୍କ ପ୍ରତି ସ୍ମୃତି ଅର୍ଘ୍ୟ ଅର୍ପଣ କରିଥିଲେ ।

## କେନ୍ଦୁଝରର ଶ୍ରୀବଳଦେବଜୀଉ ମନ୍ଦିର ବଡଦାଣ୍ଡ ଏବଂ ଗୁଣ୍ଡିଚା ମନ୍ଦିର ଆକର୍ଷଣୀୟ ହେବ




କେନ୍ଦୁଝର (ପିଏନ୍): କେନ୍ଦୁଝରର ରାଷ୍ଟ୍ରଦେବତା ଭାବେ ସର୍ବଜନବିଦିତ ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସହ ବଡଦାଣ୍ଡ ଓ ଶ୍ରୀ ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ପ୍ରକାଶ କରିଛନ୍ତି । ଷୋଡଶ ଶତାବ୍ଦୀରେ ନିର୍ମିତ କେନ୍ଦୁଝରର ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ସମ୍ମୁଖରେ ଥିବା ବଡଦାଣ୍ଡ ଓ ସିଦ୍ଧମଠ ପର୍ଯ୍ୟ' ରାସ୍ତାକୁ ଏହି ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାରେ ସାମିଲ କରାଯିବ । ଏଥିପାଇଁ ଜିଲ୍ଲାପାଳ ସ୍ଥାନୀୟ ଅଂଚଳର ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି । ବଡଦାଣ୍ଡ ଦୁଇପାର୍ଶ୍ୱରେ ଦିନ ଦିନ ଧରି ଠିଆ ହେଉଥିବା ଟ୍ରକଗୁଡିକ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯିବ ଓ ଏହି ପାର୍କି ସ୍ଥାନରେ ଟ୍ରକ ରହିବେ । ବଡଦାଣ୍ଡର ଉଭୟ ପାର୍ଶ୍ୱକୁ ପ୍ରଶସ୍ତିକରଣ କରାଯିବା ସହ ରଥଯାତ୍ରା ପାଇଁ ବାଧା ସୃଷ୍ଟି କରୁନଥିବା ବିଭିନ୍ନ ଅସ୍ଥାୟୀ ସେଡ କରାଯିବା ସହ ମନ୍ଦିର ସମ୍ମୁଖକୁ ମଧ୍ୟ ଆକର୍ଷଣୀୟ କରାଯିବ । ଗୁଣ୍ଡିଚା ମନ୍ଦର ନିକଟସ୍ଥ ସ୍ଥାନକୁ ମଧ୍ୟ ବ୍ୟବହାର କରି ସୌନ୍ଦର୍ଯ୍ୟ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପୁରୀ ଶ୍ରୀକ୍ଷେତ୍ର ପରି ଏଠାରେ ମଧ୍ୟ ଝୋଟି,ଚିତା ପରି ଆଳଙ୍କାରିକ ସାଜସଜ୍ଜା ଓ ଫୁଲ ରହିବ ଓ ବଡଦାଣ୍ଡକୁ ଗାଈ-ଗୋରୁ ନ ଛାଡିବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବଡଦାଣ୍ଡ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ଏବଂ ଆଗାମୀ ରଥଯାତ୍ରା ପୂର୍ବରୁ ଶେଷ କରିବା ପାଇଁ ଲକ୍ଷ୍ୟ ରହିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ବହୁ ପୁରାତନ ଶ୍ରୀ ଗୁଣ୍ଡିଚା ମନ୍ଦିର ନିର୍ମାଣ ଓ ଏହାକୁ ମଧ୍ୟ ସୁଦୃଶ୍ୟ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ବଡଦାଣ୍ଡ ଅଧିବାସୀଙ୍କ ଡ୍ରେନେଜ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରାଯିବା ସହ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟରେ ଥିବା କଦମ୍ବଗାଡିଆ ଓ ଉପାଧ୍ୟାୟ ପୋଖରୀର କାର୍ଯ୍ୟ ମଧ୍ୟ ହେବ ବୋଲି ସେ କହିବା ସହିତ ଏହି ମନ୍ଦିର ଆମ ଗର୍ବ ଓ ଗୌରବର ବିଷୟ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ବଡଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଯେପରିକି ରାଜଉଆସ ରାସ୍ତା, ବାଲିଦାଣ୍ଡ ରାସ୍ତା, ନରସିଂହପୁର, ବିଶେଶ୍ୱରପୁର, ଶିବନାରାୟଣପୁର, ବାଲିଦାଣ୍ଡ, ଗଡସାହି ରାସ୍ତାକୁ ନବୀକରଣ କରିବା ସହିତ ବାଲିଯୋଡି ନାଳର ସୌନ୍ଦର୍ଯ୍ୟକରଣ କରାଯିବାକୁ ସେ ମତ ଦେଇଥିଲେ । ଗୁଣ୍ଡିଚା ମନ୍ଦିରରୁ ସିଦ୍ଧମଠ ରାସ୍ତାକୁ ପ୍ରଶସ୍ତ କରାଯିବା ସହିତ ଏଠାରେ ଜଙ୍ଗଲ ବଗିଚା ସୃଷ୍ଟି କରାଯିବ ବୋଲି ସେ କହିଥିଲେ । ପ୍ରାରମ୍ଭରେ କେନ୍ଦୁଝର ଉପଜିଲ୍ଲାପାଳ ତଥା ମନ୍ଦିରର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁ ପ୍ରାରମ୍ଭିକ ସୂଚନା ଦେବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀ ବଳଦେବଜୀଉ ମନ୍ଦିର, ବଡଦାଣ୍ଡ, ସିଦ୍ଧମଠ ଓ ସନ୍ନିକଟ ସ୍ଥାନମାନଙ୍କୁ ଆକର୍ଷଣୀୟ କରାଯିବ ବୋଲି ପ୍ରୟାସ ଆରମ୍ଭ ହୋଇଥିବା କଥା କହିଥିଲେ । ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ଅନୁଷ୍ଠିତ ଏହି ବୈଠକରେ ଆଂଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ବରିଷ୍ଠ ନାଗରିକ ଡଃ ବନବିହାରୀ ମିଶ୍ର, ବରିଷ୍ଠ ଆଇନଜିବୀ ନିମାଇଁଚରଣ ଦାଶ, ରାମଚନ୍ଦ୍ର ଦାଶ, ଜନ୍ମେଜୟ ଦ୍ୱିବେଦୀ, ଦୁଃଶାସନ ନାୟକ, ଆଦିତ୍ୟ ବେଜ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୋଡା ମହିଳା ମହାବିଦ୍ୟାଳୟରେ ଆନ୍ତଃ କଲେଜ ଉଷ୍ଣୁ ପ୍ରତିଯୋଗିତା



ଯୋଡା (ପିଏନ୍) : ଯୋଡା ମହିଳା ମହାବିଦ୍ୟାଳୟରେ ଗତ ବୁଧବାର ଦିନ ଏକଦିବସୀୟ ଆନ୍ତଃ କଲେଜ ଉଷ୍ଣୁ ଚମ୍ପିଆନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ଉଷ୍ଣୁ ପ୍ରତିଯୋଗିତାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ମହାବିଦ୍ୟାଳୟରୁ ୨୫ଜଣ ପ୍ରତିଯୋଗୀ, ଜିଲା ଉଷ୍ଣୁ ସଂଘ ଓ ରାଜ୍ୟ ଉଷ୍ଣୁ ସଂଘରୁ ୧୩ଜଣ ପ୍ରତିନିଧି ଯୋଗଦେଇଥିବା ଜଣାପଡିଛି । ପ୍ରତିଯୋଗୀତା ଶେଷରେ ମହିଳା ବିଭାଗର ୫୨ କେଜି ବର୍ଗରେ ଯୋଡା ମହିଳା ମହାବିଦ୍ୟାଳୟର ଛାତ୍ରୀ ମୁ ମୁଣ୍ଡା ବିଜେତା ହୋଇଥିବା ବେଳେ ବେଲମତି ସିଂ ଉପବିଜେତା ହୋଇଥିଲେ । ଯୋଡା ମହାବିଦ୍ୟାଳୟର ସୁପ୍ରିତି ନାଏକ ୬୦ କେଜି ବର୍ଗରେ ବିଜେତା ହୋଇପାରିଛନ୍ତି । ପୁରୁଷ ବିଭାଗରେ ବଡବିଲ ମହାବିଦ୍ୟାଳୟର କାର୍ତ୍ତିକ ବାହାଦୁର ୫୬ କେଜି ବର୍ଗରେ ବିଜେତା ଓ ଯଜ୍ଞା ସୋରେନ ଉପବିଜେତା ହୋଇଥିବା ଜଣାପଡିଛି । ପୁରୁଷ ବିଭାଗ ୬୦ କେଜି ବର୍ଗରେ ବଡବିଲ ମହାବିଦ୍ୟାଳୟର ଛାତ୍ର ସଙ୍କେତ ରାଏ ବିଜେତା ଓ ଶଙ୍କର ମୁଣ୍ଡା ଉପବିଜେତା ହୋଇଥିବା ଜଣାପଡିଛି । ପୁରୁଷ ବିଭାଗ ୬୫ କେଜି ବର୍ଗରେ ବଡବିଲ ମହାବିଦ୍ୟାଳୟର ରବିନ୍ଦ୍ର ମହାଂ ବିଜେତା ଓ ୭୦ କେଜି ବର୍ଗରେ ବଡବିଲ ମହାବିଦ୍ୟାଳୟର ମନୁ ଗୁପ୍ତା ବିଜେତା ହୋଇଛନ୍ତି । ଏହି ଆଂଃକଲେଜ ଉଷ୍ଣୁ ପ୍ରତିଯୋଗୀତାକୁ ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର ଉଦ୍‌ଘାଟନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଜିନ୍ଦଲ ଷ୍ଟିଲର ସାମାଜିକ ମଙ୍ଗଳ ଅଧିକାରୀ ଉର୍ଜିଲ ଲାକରା ଯୋଗଦେଇ କୃତୀ ଖେଳାଳୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ପ୍ରତିଯୋଗୀତାକୁ ଆଂଃଜାତୀୟ ଉଷ୍ଣୁ ରେଫରି ପଙ୍କଜ ମହାଂ ପରିଚାଳନା କରିଥିଲେ । ରାଜ୍ୟ ଉଷ୍ଣୁ ସଂଗଠନର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଏହି କ୍ରୀଡା ପ୍ରତିଯୋଗୀତାକୁ ତଦାରଖ କରିଥିଲେ । ଯୋଡା ମହିଳା ମହାବିଦ୍ୟାଳୟର କ୍ରୀଡା ଶିକ୍ଷୟତ୍ରୀ ବବିତାରାଣୀ ସିଂ ଏହି ପ୍ରତିଯୋଗୀତାରେ ସହଯୋଗ କରିଥିଲେ । ପ୍ରତିଯୋଗୀତା ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମୃଦୁଳା ମହାଂ ସମସ୍ତ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉଷ୍ଣୁ ପ୍ରତିଯୋଗୀତାରେ ବଡବିଲ ମହାବିଦ୍ୟାଳୟର ଅଧ୍ୟକ୍ଷ ବନମାଳି ଜେନା, ଅଧ୍ୟାପକ ପ୍ରତାପ ଜେନା, ଅଧ୍ୟାପକ ଦୀପକ ସିଂ ପ୍ରମୁଖ ଯୋଗଦେଇଥିଲେ ।


## ବିଶ୍ୱ ଭିନ୍ନକ୍ଷମ ଦିବସରେ ନିଃଶୁଳ୍କ ଫିଜିଓଥେରାପି ଶିବିର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ପୁନର୍ବାସ" ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ସହରର ମାଧପୁରସ୍ଥିତ 'ପୁନର୍ବାସ' କାର୍ଯ୍ୟାଳୟ ପରିସରରେ ଏକ ଦିବସୀୟ ନିଶୁଳ୍କ ଫିଜିଓଥେରାପି ଶିବିର ଉଦ୍‌ଘାଟିତ ହୋଇଯାଇଛି । ଡାକ୍ତର ବିଶ୍ୱ ପ୍ରକାଶ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନିଃଶୁଳ୍କ ଫିଜିଓଥେରାପି ଶିବିରକୁ ଫିତାକାଟି ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୪୪ଜଣଙ୍କୁ ନିଃଶୁଳ୍କ ସେବା ପ୍ରଦାନ କରାଯାଇଛି । ଶିବିରରେ ଫିଜିଓଥେରାପିଷ୍ଟ ଚନ୍ଦନ ଜେନା ଓ ଅନିତା ବାରିକ ଯୋଗଦେଇ ଲୋକମାନଙ୍କୁ ସେବା ପ୍ରଦାନ କରିଥିଲେ ବୋଲି ପୁନର୍ବାସର ଉପଦେଷ୍ଟା ଡଃ. ବିରଜା ପ୍ରସାଦ ରାଉତରାୟ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୁନର୍ବାସର ସଦସ୍ୟ ମହମ୍ମଦ ଜାହିଦ ଖାନ, ଜ୍ୟୋତି ପ୍ରକାଶ ନାୟକ, ସମ୍ବିତ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିବା ବେଳେ ମନୋଜ କୁମାର ରାଉତ, ମିହିର ରଞ୍ଜନ ବାରିକ, ଧରଣୀଧର ସେଠୀ ପ୍ରମୁଖ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଫେବୃଆରୀ ୧୭**

# ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳା



ଶୂନ୍ୟ ବାଦ ର ପୁଣ୍ୟ ପୀଠ ' ଯୋରନ୍ଦା ଗାଦି ' । ଶୂନ୍ୟ ବ୍ରହ୍ମ ଙ୍କର ଉପାସନା ପୀଠ ହେଲା ଏଇ ' ଯୋରନ୍ଦା ଗାଦି' । ପ୍ରତି ବର୍ଷ ଭଳି ଏଇ ବର୍ଷ ମଧ୍ୟ ପଳିତ୍ ହେବାକୁ ଯାଉଛି ପ୍ରସିଦ୍ଧ୍ ଯୋରନ୍ଦା ମେଳା ।ଦୀର୍ଘ ଦୁଇ ବର୍ଷ ହେଲା କରୋନ ମହାମାରି ପାଇଁ ଏହା ପାଳନ ହେଇ ପାରୁନ୍ ଥିଲା ।ଏଇ ବର୍ଷ ବି ପାଳନ ହେବ ,କିନ୍ତୁ କରୋନା କଟକଣା ରେ। ପ୍ରଶାସନ ର ନିର୍ଦ୍ଦେଶ ମୁତାବକ୍ ପାଳନ ହେବାକୁ ଯାଉଛି ଯୋରନ୍ଦା ମେଳା। ମିନା ବଜାର ବସିବାକୁ ହେବ ନାହିଁ କି ବଜାର ବସିବ ନାହିଁ।କେବଳ ପୂଜା ବିଧି ହେବ,ହୋମ ହେବ ଓ ଜଜ୍ଞ୍ୟ୍ ହେବ। ଯୋଗେଶ୍ୱର ମହିମା ସ୍ୱାମୀ ମହିମା ଧର୍ମ ର ପ୍ରାଣ ପ୍ରତିଷ୍ଠାତା ଅଟନ୍ତି। ସେ ଅଜୋନି ସମ୍ଭୁତ୍ ଅଲେଖ ପ୍ରଭୁ ଙ୍କର ଅବତାର ବୋଲି ବିଶ୍ୱାସ କରାଯାଏ। ବୈଦିକ ଧର୍ମ ର ନିର୍ଗୁନ୍ ନିସ୍କାମ୍ ମାର୍ଗ୍ ହିଁ ଏହି ଧର୍ମ ର ନୀତି ଓ ନିୟମ। ମହିମା ଧର୍ମ ର ନୀତି ହେଲା – ପ୍ରାତଃ ସ୍ନାନ, ଉଦୟ ସମୟେ ଓ ଅସ୍ତ ସମୟ ରେ ସୂର୍ଯ୍ୟ ଙ୍କର ଦର୍ଶନ ପ୍ରାପ୍ତି ସହ ସନ୍ଧ୍ୟା ପୂର୍ବରୁ ଭୋଜନ ସମାପ୍ତ ।ଗୋ ମୁତ୍ର ପାନ ଉପରେ ବିଶ୍ୱାସ ଓ ଗୋ– ମୟ ଲେପନ୍ ,ଗୈରିକ୍ ବସ୍ତ୍ର ଧାରଣ ଦିବସେ ଭୋଜନ ଆଦି ପ୍ରମୁଖ । ଶୂନ୍ୟ ବାଦ କୁ ମହିମା ଧର୍ମାବଲମ୍ବି ମାନେ ବିଶ୍ୱାସ କରନ୍ତି। ଏଇଠି ବିଶ୍ୱ ସ୍ରଷ୍ଟା ତଥା ବିଶ୍ୱ ନିୟନ୍ତା ଙ୍କୁ ପରମ ବ୍ରହ୍ମ,ଅନାଦି,ଅନନ୍ତ ,ଅଲେଖ,ଅବ୍ୟକ୍ତ,,ଅଣା କାର,ନିରଞ୍ଜନ ଆଦି ନାମ ରେ ସ୍ମରଣ କରିଥାନ୍ତି ,ମହିମା ଧର୍ମାବଲମ୍ବି ମାନେ।



ସାଧୁ ବେଶରେ ଗେରୁଆ ବସ୍ତ୍ର ଧାରଣ କରି ଗାଁ ରୁ ଗାଁ କୁ ବୁଲି ଅଲେଖ ମହିମା ଧର୍ମ ର ପ୍ରଚାର ଓ ପ୍ରସାର କରିବା ସାଙ୍ଗକୁ କିଛି ଖାଦ୍ୟ ବି ସଂଗ୍ରହ କରିଥାନ୍ତି। ଈଶ୍ୱର ଉପାସନା ଉପରେ ପ୍ରାଧାନ୍ୟ୍ ଦେଇଥାନ୍ତି। ଖାଲି ପାଦ ରେ ଏଇମାନେ ଗାଁ ରୁ ଗାଁ କୁ ବୁଲି ଥାନ୍ତି। ଅନେକ ଲୋକ ଏଥିରେ ଅନୁପ୍ରାଣିତ ହୋଇ ମହିମା ଧର୍ମ ରେ ଦୀକ୍ଷିତ ହେବାର ଦେଖାଯାଏ। ଗୋଟିଏ ଗାଁ ରେ ଏକ ରୁ ଅଧିକ ଦିନ କି ଗୋଟିଏ ଘରୁ ଗୋଟିଏ ଥର ରୁ ଅଧିକ ଥର ଭିକ୍ଷା ଗ୍ରହଣ କରି ନ୍ ଥାନ୍ତି ସିସ୍ୟ୍ ମାନେ। ମହିମା ଧର୍ମ ଗ୍ରନ୍ଥ ସିଦ୍ଧାନ୍ତ ଅନୁଯାଇ ମହିମା ସ୍ୱାମୀ ପ୍ରଥମେ ହିମାଳୟ ପାଦ ଦେଶ ରେ ଅବିର୍ଭୁତ୍ ହୋଇଥିଲେ ବୋଲି ବିଶ୍ୱାସ କରାଯାଏ ।ଆତ୍ମ୍ ଯୋଗ ସମାଧି କରିଥିଲେ। ୧୮୨୬ ମସିହା ରେ ସେ ମହାନ ବ୍ୟକ୍ତି ଶ୍ରୀ କ୍ଷେତ୍ର ପୁରୀ ଆସି ବଡ଼ ଦଣ୍ଡ ରେ ଧୁଲିଆ ବାବା ରୂପେ ପରିଚି଼ତି ଲାଭ କରିଥିଲେ। ପରବର୍ତ୍ତି ସମୟ ରେ ସେଇଠୁ ସେ ଖଣ୍ଡଗିରି ଚ଼ାଲି ଆସି ଗୁମ୍ଫରେ ଅବସ୍ଥାନ୍ କଲେ। ସେଇଠି ସେ ନିସ୍କାମ୍ ଲୀଳା ଖେଳା କିଛି ଦିନ କଲେ।ପରେ ଢେଙ୍କାନାଳ ୧୮୩୮ ମସିହା ରେ ପଦାପର୍ନ୍ କରି ପ୍ରସିଦ୍ଧ୍ କପିଳାସ ଶିବ ମନ୍ଦିର ରେ ଶିଖର ଦେଶରେ ପହଞ୍ଚି କିଛି ଦିନ ଅବସ୍ଥାନ୍ କଲାପରେ ୧୮୬୨ ମସିହା ରେ ଆତ୍ମ୍ ଯୋଗ ସମାଧିସ୍ଥ୍ ହୋଇ ଥିଲେ। ସିଦ୍ଧି ଲାଭ କରିଥିଲେ। ତ ପରେ ଗାଁ ରୁ ଗାଁ କୁ ଏମିତି ସମଗ୍ର ଓଡିଶା ଭ୍ରମଣ ରେ ବାହାରି ଥିଲେ। ମାହିମା ଧର୍ମ ର ପ୍ରଚ଼ାର୍ ଓ ପ୍ରସାର ରେ ମନୋନିବେସ୍ କରିଥିଲେ। ଢେଙ୍କାନାଳ ଗଡ଼ ଠାରୁ ୨୫ କି:ମି ଦୂର ଯୋରନ୍ଦା ରେ ତୁଙ୍ଗୀ ସ୍ଥାପନ କରାଗଲା।୧୮୭୫ ମସିହା ମାଘ ଶୁକ୍ଳ ଚ଼ତୁର୍ଦସି ତିଥିରେ ମହିମା ସ୍ୱାମୀ ଯୋରନ୍ଦା ରେ ମହିମା ଗଦି ସ୍ଥାପନ କରିବା ସହ ମହିମା ମେଳା ର



ସୁଭାରମ୍ଭ୍ କରିଥିଲେ। ଚ଼ତୁର୍ଦସି ତିଥି ସନ୍ଧ୍ୟା ରୁ ପୁର୍ଣିମା ତିଥି ପ୍ରତ୍ୟୁସ୍ ପର୍ଯ୍ୟନ୍ତ ପରବ୍ରହ୍ମ ଙ୍କ ଉଦେସ୍ୟ୍ୟରେ ଘୃତ୍ ଆହୁତି ଅର୍ପଣ କରିବା ସହ ବିଶ୍ୱ ବାସି ଙ୍କ ମଙ୍ଗଳ ନିମନ୍ତେ ପ୍ରାର୍ଥନା କରିଥିଲେ। ୧୮୭୭ ମସିହା ରେ ଫାଲଗୁନ୍ ମାସ ଶୁକ୍ଳ ଚ଼ତୁର୍ଦସି ରେ ମହିମା ଗୋ– ସ୍ୱାମୀ ଯୋରନ୍ଦା ଟୁଙ୍ଗି ରେ ଇହ– ଲୀଳା ସମ୍ବରନ୍ କରିଥିଲେ। ନିର୍ବାଣ ର ଦୁଇ ଦିନ ପୂର୍ବରୁ ମହିମା ସ୍ୱାମୀ ପୂର୍ବ ମୁଖା ହୋଇ ଯୋଗାସନ୍ ରେ ବସିଥିଲେ। ନିର୍ବାଣ ଦିନ ହଠାତ ତାଙ୍କର୍ ଦେହ ତମ୍ବା ବର୍ନ୍ନ ଧାରଣ କରିଥିଲା ବୋଲି ତାଙ୍କର ଅନୁଗାମି ମାନେ ତଥା ସିସ୍ୟ୍ ମାନେ କହନ୍ତି। ପରିସେସ୍ ରେ ସେ ସ୍ୱଦେହେ ସ୍ୱର୍ଗାରୋହନ୍ କରିଥିଲେ ବୋଲି ସମସ୍ତେ ବିଶ୍ୱାସ କରନ୍ତି। ଭୂମି ଉପରେ ପଡ଼ିଥିବା ମହିମା ସ୍ୱାମୀ ଙ୍କର ଅବୟବ୍ ତଥା ବକ୍କଲ୍ ବାନା କୁ ସିସ୍ୟ୍ ମାନେ ଯୋରନ୍ଦା ଗାଁ ରେ ଢେଙ୍କାନାଳ ରାଜା ଙ୍କ ସହାୟତା ରେ ଗାଁ ର ପୂର୍ବ ଦିଗରେ ସମାଧି ଦେଇ ଏକ ଶୂନ୍ୟ ମନ୍ଦିର ସ୍ଥାପନ କରିଥିଲେ। ଶୂନ୍ୟ ବ୍ରହ୍ମ ର ପ୍ରତୀକ ସ୍ୱରୂପ ଏଇ ଯୋରନ୍ଦା ଶୂନ୍ୟ ମନ୍ଦିର ପ୍ରାଙ୍ଗଣ ରେ ପ୍ରତି ବର୍ଷ ଐତିହାସିକ ଓ ଆଧାତ୍ମିକ ଯୋରନ୍ଦା ମେଳା ପବିତ୍ର ମାଘ ଶୁକ୍ଳ ଚ଼ତୁର୍ଦସି ଠାରୁ ଆରମ୍ଭ ହୋଇ ପୁର୍ଣିମା ତିଥି ଯାଏଁ ଚ଼ାଲି ଥାଏ।

**ପ୍ରତାପ ଚ଼ନ୍ଦ୍ର ସାହୁ**
ନବରଙ୍ଗପୁର

## ଆଜିର ଅନୁଚିନ୍ତା

**ନିଜ ଭିତରେ ଥିବା ଆନନ୍ଦ ଓ ଶାନ୍ତିକୁ ଅନୁସନ୍ଧାନ କର ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ବାହାନା ହିଜାବ, ଟାର୍ଗେଟରେ ହିନ୍ଦୁ



**ସୌମେନ୍ଦ୍ର ଜେନା**

ଗତ ଦେଢମାସ ଧରି ଦେଶରେ ହିଜାବକୁ ନେଇ ନାନା ପ୍ରକାର ତୁମ୍ଭିତୋଫାନ ଜାରି ରହିଛି । କେହି କେହି ଏହାକୁ ସଂଖ୍ୟାଲଘୁଙ୍କ ଅଧିକାର, ଧାର୍ମିକ ସ୍ୱାଧୀନତା କହି ଯୁକ୍ତି ବାଢିବା ବେଳେ ଶିକ୍ଷାନୁଷ୍ଠାନ ମଧ୍ୟରେ ଏ ପ୍ରକାର ଉଦ୍ୟମକୁ କିଛି ଲୋକ ଶିକ୍ଷାବ୍ୟବସ୍ଥାରେ ତାଲିବାନୀକରଣ କହି ସମାଲୋଚନା ମଧ୍ୟ କରୁଛନ୍ତି । କିନ୍ତୁ ଆମେ ଏସବୁର ବାସ୍ତବତା ଉପରେ ଅଧିକ ଦୃଷ୍ଟିପାତ କରିବା ଦରକାର । ଦେଖିବାକୁ ଗଲେ ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଦେଶରେ ମୁସଲିମ ସମାଜରେ ୪୨.୭ ପ୍ରତିଶତ ପୁରୁଷ ଓ ୬୬ପ୍ରତିଶତ ମହିଳା ନିରକ୍ଷର ରହିଛନ୍ତି । ଦେଶର ମୋଟ ମୁସଲିମଙ୍କ ମଧ୍ୟରେ ୩୬.୯୦ ପ୍ରତିଶତ ଏବେ ବି ନିରକ୍ଷର ରହିଛନ୍ତି । ମାତ୍ର ୩.୫୬ ପ୍ରତିଶତ ମୁସଲିମ ଉଚ୍ଚଶିକ୍ଷା ସ୍ତରକୁ ଉଠିପାରିଛନ୍ତି । ଅଥଚ ଦେଶର ଦୁର୍ବଳ ବର୍ଗଭାବେ ପରିଚିତ ଅନୁସୂଚିତ ଜାତିଙ୍କ ମଧ୍ୟରୁ ୪.୨୫ ପ୍ରତିଶତ ଲୋକେ ଉଚ୍ଚଶିକ୍ଷିତ ରହିଛନ୍ତି । ତେଣୁ ଯେତେବେଳେ ଶିକ୍ଷା କ୍ଷେତ୍ରରେ ସବୁଠି ତଳେ ମୁସଲିମ ସମାଜ ରହିଛି । ସେତେବେଳେ ଶିକ୍ଷାକୁ ପ୍ରାଧାନ୍ୟ ନ ଦେଇ ହିଜାବ ନାମରେ ଧାର୍ମିକ ପରିଚୟକୁ ଯେଉଁମାନେ ପ୍ରଦର୍ଶନ କରିବାରେ ଲାଗିପଡିଛନ୍ତି , ଏସବୁ ସେମାନଙ୍କ ମୂର୍ଖତା ଛଡା ଅନ୍ୟ କିଛି ନୁହେଁ । ଯେଉଁମାନେ ସଂଖ୍ୟାଲଘୁ ବିଷୟକୁ ନେଇ ବାରମ୍ବାର ଆଲୋଚନା କରନ୍ତି,ସେମାନେ ଜାଣିବା ଦରକାର ଯେ ଜାତିସଂଘର ଘୋଷଣାନାମାନୁଯାୟୀ ସାମାଜିକ,ଆର୍ଥିକ ଓ ରାଜନୀତିକ ଦୃଷ୍ଟିରୁ ପ୍ରଭାବହୀନ ଜନସଂଖ୍ୟା ହିଁ ସଂଖ୍ୟାଲଘୁ ଭାବେ ପରିଗଣିତ ହେବେ । ଏହି ବିଚାରରେ ୨୦କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ମୁସଲିମ ବର୍ଗର ଲୋକେ ଆନ୍ତର୍ଜାତିକ ଆଇନ ଅନୁଯାୟୀ ଆଦୌ ସଂଖ୍ୟାଲଘୁ ନୁହନ୍ତି । ତେଣୁ ସମ୍ବିଧାନର ସଂଖ୍ୟାଲଘୁ ବ୍ୟବସ୍ଥାର ସଂଶୋଧନ କରାଯାଇ ଆନ୍ତର୍ଜାତିକ ଆଇନର ଅନୁରୂପ କରାଯିବା ଦରକାର । ହିଜାବକୁ ନିଜର ପରିଚୟ ବୋଲି କହୁଥିବା ଲୋକେ ଜାଣିବା ଦରକାର ଯେ ଓମାନର ରାଜପରିବାର ଲୋକେ ଆଜି ହିଜାବ ପିନ୍ଧୁନାହାନ୍ତି ଅଥଚ କର୍ଣ୍ଣାଟକର କଲେଜରେ ଝିଅମାନେ "ନାରା ଏ-ତକଦୀର ଆଲ୍ଲା-ହୁ-ଆକବର" ସ୍ଲୋଗାନ ଦେଇ ନିଜକୁ ଅସଲ ମୁସଲିମ୍ ବୋଲି ପ୍ରଦର୍ଶିତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ହିଜାବକୁ ନିଜର ସ୍ୱାଭିମାନ ଓ ପରିଚୟ ବୋଲି କହି ଶିକ୍ଷାନୁଷ୍ଠାନଗୁଡିକୁ ଇସଲାମିକ ଶିକ୍ଷାନୁଷ୍ଠାନ ଆଡକୁ ନେବାକୁ ଋପ ପ୍ରୟୋଗ କରୁଛନ୍ତି । କର୍ଣ୍ଣାଟକର ଉଡୁପି ଜିଲ୍ଲାସ୍ଥିତ ସରକାରୀ ପିୟୁ କଲେଜର ମାମଲାଟି ମଲାଲା ୟୁସୁଫଜାଇ ନିକଟରେ ପହଞ୍ଚିବାପରେ ସେ କହିଛି ଯେ ହିଜାବ ପିନ୍ଧା ଝିଅମାନଙ୍କୁ ସ୍କୁଲ ଯିବାକୁ ମନା କରିବା ସାଂଘାତିକ । ବିଦେଶରେ ରହି ବିଦେଶୀଙ୍କଠାରୁ ଅର୍ଥର ମଲାଇ ଋଟୁଥିବା ଏହି ଝିଅ କେବେ ପାକିସ୍ଥାନର ୧୨୦୦ହିନ୍ଦୁ ଝିଅଙ୍କୁ ବଳପୂର୍ବକ ଉଠାଇନେଇ ବାହା ହୋଇଥିବା ମୁସଲିମଗୁଣ୍ଡାଙ୍କ ବିରୋଧରେ ଥରେ ପାଟିଖୋଲି କହିବା କେହି କେବେ ଶୁଣିନାହିଁ ।

ପୃଥିବୀରେ ଇଣ୍ଡୋନେସିଆ ହେଉଛି ସବୁଠୁ ବଡ ମୁସଲିମ ରାଷ୍ଟ୍ର । ଅଥଚ ଏହି ଦେଶରେ ୨୦ଟି ରାଜ୍ୟର ବିଦ୍ୟାଳୟରେ ହିଜାବ ପିନ୍ଧିବା ନିଷେଧ ହୋଇଛି । କେବଳ ଛାତ୍ରୀ ନୁହନ୍ତି,ଏପରିକି ଶିକ୍ଷୟିତ୍ରୀ ମଧ୍ୟ ହିଜାବ ପିନ୍ଧିବା ମନା । ୨୦୨୦ରେ ସେଠାରେ ହିଜାବ ହଟାଇବା ପାଇଁ ଖ୍ରୀଷ୍ଟିଆନ୍ ଲୋକେ ଆନ୍ଦୋଳନ କରିଥିଲେ । ଫେବୃଆରୀ ୨୦୨୧ରୁ ସେଠାରେ ହିଜାବ ଉପରେ ନିଷେଧାଦେଶ ଲାଗିଛି । ଇଣ୍ଡୋନେସିଆର ଧାର୍ମିକ ବ୍ୟାପାରମନ୍ତ୍ରୀ ୟାକୁତ କହିଥିଲେ ଯେ ଧାର୍ମିକ ସ୍ୱାଧୀନତା ନାମରେ ଅନ୍ୟର ସ୍ୱାଧୀନତା ପ୍ରତି କ୍ଷତି କରାଯାଇପାରିବ ନାହିଁ । ତେଣୁ ସେଠାରେ ସରକାର ହିଜାବ ଏବଂ ବୁର୍ଖା ବ୍ୟବସ୍ଥାକୁ ଏକମାସ ଭିତରେ ବନ୍ଦ କରିବାଲାଗି ବିଦ୍ୟାଳୟଗୁଡିକୁ ନିର୍ଦ୍ଦେଶ ଦେଲେ । ସରକାରଙ୍କ ଆଦେଶର ଅବମାନନା କଲେ ଜୋରିମାନା ବ୍ୟବସ୍ଥା ମଧ୍ୟ କଲେ । ତେଣୁ ଯେଉଁଠି ଶିକ୍ଷାନୁଷ୍ଠାନର ନିଜସ୍ୱ ପୋଷାକ ବ୍ୟବସ୍ଥା ରହିଛି, ସେଠାରେ ସମସ୍ତଙ୍କଠାରୁ ଅଲଗା ଦେଖାଯିବା ଲାଗି ହେଉଥିବା ହିଜାବ ପିନ୍ଧା ପ୍ରୟାସକୁ ବନ୍ଦ କରାଯିବା ନିହାତି ଜରୁରୀ । ଭାରତର ପଡୋଶୀ ଶ୍ରୀଲଙ୍କାରେ ୨୯ଏପ୍ରିଲ ୨୦୨୧ରୁ ରାଷ୍ଟ୍ରୀୟ ସୁରକ୍ଷା ଦୃଷ୍ଟିରୁ ସାଧାରଣରେ ବୁର୍ଖା ପିନ୍ଧିବା ଉପରେ ପ୍ରତିବନ୍ଧକ ଜାରି କରାଯାଇଛି । କେବଳ ଶ୍ରୀଲଙ୍କା ନୁହେଁ ଅଷ୍ଟ୍ରିଆ, ଡେନମାର୍କ, ଫ୍ରାନ୍ସ, ବେଲଜିଅମ୍, ବୁଲଗେରିଆ, ନେଦରଲାଣ୍ଡ, ଚୀନ, ସ୍ୱିଜରଲ୍ୟାଣ୍ଡରେ ହିଜାବ ଏବଂ ବୁର୍ଖା ପିନ୍ଧିବା ଉପରେ ନିଷେଧାଦେଶ ରହିଛି । ସ୍ୱିଜରଲାଣ୍ଡ୍‌ରେ ମାର୍ଚ୍ଚ ୨୦୨୧ରୁ , ଫ୍ରାନ୍ସ ସରକାର ୨୦୧୧ରୁ ବୁର୍ଖା ପିନ୍ଧିବା ନିଷେଧ କରିଛନ୍ତି । ଫ୍ରାନ୍ସରେ ନିଷେଧକୁ ନମାନିଲେ ୧୫୦ ୟୁରୋ ଏବଂ ହିଜାବ କିମ୍ବା ବୁର୍ଖା ପିନ୍ଧିବାକୁ ବାଧ୍ୟ କଲେ ୨୫୦୦୦ ୟୁରୋ ଜୋରିମାନା ଦେବାର ବ୍ୟବସ୍ଥା ରହିଛି । ୨୦୧୭ରୁ ଚୀନରେ ବୁର୍ଖାକୁ ବାରଣ କରାଯାଇଛି । ବୁର୍ଖା ପିନ୍ଧି ସର୍ବସାଧାରଣ ବ୍ୟବହାର କରୁଥିବା ଯାନରେ ଯାତ୍ରାକୁ ମଧ୍ୟ ବାରଣ କରାଯାଇଛି । ବେଲଜିଅମ ୨୦୧୧ରୁ ହିଜାବକୁ ବାରଣ କରିଛି । ୨୦୧୭ରେ ଇଉରୋପର ମାନବାଧିକାର ଅଦାଲତ ମଧ୍ୟ ବେଲଜିଅମ୍ ସରକାରଙ୍କ ନିଷ୍ପତ୍ତିକୁ ଠିକ୍ ବୋଲି କହିଥିଲେ । ଡେନମାର୍କରେ ଅଗଷ୍ଟ ୨୦୧୮ରୁ ବୁର୍ଖାକୁ ବାରଣ କରାଯାଇଛି । ଆଇନ ଉଲ୍ଲଙ୍ଘନ କଲେ ୧୩୫ ୟୁରୋ ଜୋରିମାନା ଦେବା ବ୍ୟବସ୍ଥା ରହିଛି । ଜର୍ମାନୀରେ ବିଚାରକ, ପ୍ରଶାସକ ଏବଂ ସୈନିକଙ୍କର ବୁର୍ଖାପିନ୍ଧା ଉପରେ ସରକାରୀ ନିଷେଧାଦେଶ ରହିଛି । ୨୦୧୭ରୁ ଅଷ୍ଟ୍ରିଆ ଏବଂ ୨୦୧୬ରୁ ବୁଲଗାରିଆରେ ବୁର୍ଖା ନିଷେଧ ହୋଇଛି । ବୁଲଗାରିଆରେ ବୁର୍ଖା ପିନ୍ଧିଲେ ୭୫୦ ୟୁରୋ ପର୍ଯ୍ୟନ୍ତ ଦଣ୍ଡ ଅର୍ଥ ଦେବାକୁ ହୋଇଥାଏ । ନେଦରଲାଣ୍ଡରେ ଜାନୁଆରୀ ୨୦୧୨ରୁ ବୁର୍ଖା ଏବଂ ହିଜାବ ଉପରେ କଟକଣା ରହିଛି । ୧ ଅଗଷ୍ଟ ୨୦୧୯ରୁ ଏହା ବିଦ୍ୟାଳୟ, ସାଧାରଣ ପରିବହନ, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟରେ ଲାଗୁ ହୋଇଛି । ଆଇନ ଭଙ୍ଗ କଲେ ସେଠାରେ ୧୫୦ ୟୁରୋ ଜୋରିମାନା ଦେବାକୁ ହୋଇଥାଏ । ନରୱେ ସରକାର ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ୨୦୧୮ରୁ ହିଜାବ ପିନ୍ଧା ଉପରେ ନିଷେଧାଦେଶ ଜାରି କରିଛନ୍ତି । ସ୍ୱିଡେନରେ ଡିସେମ୍ବର ୨୦୧୯ରୁ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବା ନିଷେଧ ହୋଇଛି । ଆଫ୍ରିକାର କଙ୍ଗୋ ଗଣରାଜ୍ୟରେ ମଇ ୨୦୧୫ରୁ ହିଜାବ ପିନ୍ଧିବା ନିଷେଧ କରାଯାଇଛି । କୋସୋଭୋ ୨୦୦୯ରେ, ଟୁନିସିଆ ୧୯୮୧ରେ, ଆଜରବୈଜାନ ୨୦୧୦ରେ ବେସରକାରୀ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟକୁ ହିଜାବ ପିନ୍ଧି ଯିବା ବେଆଇନ ବୋଲି ଘୋଷଣା କରିଛନ୍ତି । ଜୁଲାଇ ୨୦୧୦ରୁ ମୁସିଲମ ରାଷ୍ଟ୍ର ସିରିଆ ଏବଂ ଇଜିପ୍ଟରେ ବିଶ୍ୱବିଦ୍ୟାଳୟଗୁଡିକରେ ହିଜାବ ପିନ୍ଧିବା ଉପରେ କଟକଣା ଜାରି ହୋଇଛି । ଏହାଛଡା ତାଜିକିସ୍ଥାନ, କାମେରୁନ, ଋଦ, ଗାବନ, ମୋରୋକୋ ଆଦି ରାଷ୍ଟ୍ରରେ ହିଜାବ ପିନ୍ଧିବାକୁ ବାରଣ କରାଯାଇଛି । ୨୧ଜୁନ ୨୦୧୫ରେ ମ୍ୟାନମାରର ବିଦ୍ୟାଳୟରେ ହିଜାବକୁ ନିଷେଧ କରାଯିବାକୁ ଧର୍ମଗୁରୁମାନେ ସରକାରଙ୍କ ନିକଟରେ ଦାବି କରିଥିଲେ । କାନାଡାର ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ଡାକ୍ତରଖାନାରେ ହିଜାବ ପିନ୍ଧିବା ମନାଅଛି । ପୃଥିବୀର ଅନେକ ଦେଶରେ ହିଜାବ ପିନ୍ଧିବା ମନା ଥିଲାବେଳେ କେତେକ ଦେଶରେ ଏହାର ପ୍ରସ୍ତୁତି ଓ ବିକ୍ରି ଉପରେ ନିଷେଧାଜ୍ଞା ରହିଛି । କର୍ଣ୍ଣାଟକ ହାଇକୋର୍ଟ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ଗ୍ରହଣ କରି ନଥିଲାବେଳେ ସୁପ୍ରିମକୋର୍ଟ ଏହାକୁ ରାଜ୍ୟର ମାମଲା କହି ବିଋରପାଇଁ ସମୟ ଆବଶ୍ୟକ ବୋଲି କହିଛନ୍ତି । ହିଜାବ ଏକ ଆରବୀ ପରମ୍ପରା । ସେଠାରେ ମରୁଭୂମିରେ ପ୍ରଚଣ୍ଡ ଧୂଳିଝଡ ହେଉଥିବା ଯୋଗୁ ଉଭୟ ପୁରୁଷ ଏବଂ ମହିଳା ଶରୀରକୁ ଧୂଳି ଝଡରୁ ରକ୍ଷାକରିବା ପାଇଁ ପୂରା ପୋଷାକରେ ଘୋଡାଇ ରଖୁଥିଲେ, ଯାହାକୁ ଲୋକେ ଅନ୍ୟ ଦେଶରେ ଏହା ଇସଲାମର ପରିଚୟ କହି ପ୍ରଚଳିତ କରିବାକୁ ଜୋରଦେଲେ । ଏପରିକି ଇରାନ ଓ ଆଫଗାନିସ୍ଥାନ ପରି ମୁସଲିମ ରାଷ୍ଟ୍ରର ଛାତ୍ରୀମାନେ ସତୁରୀ ଦଶକରେ ହିଜାବ ପିନ୍ଧୁ ନଥିଲେ । ହେଲେ ଖୋମିନୀ ଏବଂ ତାଲିବାନ ଗୋଷ୍ଠୀର ହିଂସାତ୍ମକ ଆଭିମୁଖ୍ୟ ପରେ ସେଠାରେ ଭୟରେ ସମସ୍ତେ ହିଜାବ ପିନ୍ଧିବାକୁ ବାଧ୍ୟ ହେଲେ । ଭାରତର କେତେକ ରାଜ୍ୟରେ ଏବେ ନିର୍ବାଚନ ପ୍ରଋର ଋଲୁ ରହିଥିବାରୁ ମୌଳବାଦୀ ଇସଲାମିକ ଗୋଷ୍ଠୀ ପାକ୍‌ର ଆଇଏସ୍‌ଆଇ ଏବଂ ଖାଲିସ୍ଥାନ ପରି ସନ୍ତ୍ରାସବାଦୀ ଗୋଷ୍ଠୀ ଅଜ୍ଞ କେତେକ ଛାତ୍ରୀ ଓ ଅଭିଭାବକଙ୍କ ମାଧ୍ୟମରେ ଏହାକୁ ଏକ ବିବାଦୀୟ ପ୍ରସଙ୍ଗ କରି ମୁସଲିମ ଭୋଟକୁ ସଂଗଠିତ କରିବା ତଥା ହିନ୍ଦୁମାନଙ୍କ ବିରୋଧରେ ଘୃଣା ପ୍ରଋର କରିବାକୁ ଏହି ଷଡଯନ୍ତ୍ର ଆରମ୍ଭ କରିଛନ୍ତି । ଖାଲିସ୍ଥାନୀ ନେତା ରାଜସ୍ଥାନରୁ ପଶ୍ଚିମବଙ୍ଗଯାଏ ଭିନ୍ନ ଏକ ରାଷ୍ଟ୍ର ଉର୍ଦ୍ଦିସ୍ଥାନର ମାନଚିତ୍ର ଦେଖାଇ ଜନମତ ସୃଷ୍ଟି ପାଇଁ ଆହ୍ୱାନ ଦେଲାବେଳେ ତାଲିବାନ ନେତା ହିଜାବକୁ ସମର୍ଥନ ଦେଉଛନ୍ତି । ଆତ୍ମପ୍ରଋର ପ୍ରିୟ କେତେକ ସିନେ ତାରକା, ରାଜନେତା ଆଦି ଏହି ଲଢେଇରୁ ଫାଇଦା ନେବାକୁ ଅନାବଶ୍ୟକ ତର୍କକୁ ଡେଇଁ ପଡୁଛନ୍ତି । ଏପରିକି ପାକିସ୍ଥାନ ସରକାର ଏବଂ ଆମେରିକାର ବାମପନ୍ଥୀମାନେ ଭାରତ ବିରୋଧୀ ପ୍ରଋରରେ ସାମିଲ ହୋଇଛନ୍ତି । ଦେଶ ଭିତରେ ଥିବା ମୌଳବାଦୀ ମୁଲ୍ଲା–ମୌଲବୀ ଏବଂ ସେମାନଙ୍କ ସମର୍ଥକ ରାଜନେତାମାନେ ଏହାକୁ ଏକ ଚର୍ଚ୍ଚିତ ପ୍ରସଙ୍ଗରେ ପରିଣତ କରି ହିନ୍ଦୁଦମନ ପାଇଁ ମୁସଲିମଙ୍କୁ ଉସ୍‌କାଇବାରେ ଲାଗିଛନ୍ତି । ୪ ସ୍ତ୍ରୀ, ୧୬ପିଲା ୬୦ ନାତିନାତୁଣୀ ବଢାଇବା ଲକ୍ଷ୍ୟ ରଖିଥିବା ଲୋକ ଦେଶରେ ହୋହାଲ୍ଲା କରି ହିନ୍ଦୁମାନଙ୍କୁ ଟାର୍ଗେଟ କରିବାକୁ ଋହୁଁଛନ୍ତି । ଏମାନଙ୍କ ନେତା ପ୍ରଧାନମନ୍ତ୍ରୀ ନକାବଧାରୀ ହେବ ବୋଲି କହୁଛନ୍ତି । ପୁଣି କିଏ ଏହା ଆଲ୍ଲା–ଆକବର ନାମରେ ଅପରିବର୍ତ୍ତନୀୟ କହୁଛି । କିନ୍ତୁ ଏସବୁର ମୂଳରେ ହିନ୍ଦୁଙ୍କୁ ଘୃଣାକରି ଭାରତରେ ଅଶାନ୍ତି ସୃଷ୍ଟିର ଷଡଯନ୍ତ୍ର ରହିଛି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର–୭୫୧୦୦୩

# ନାରୀ ସଶକ୍ତିକରଣ: ଏକ ଆଲୋଚନା



**ହିମାଂଶୁ ଶେଖର ଆଚାର୍ଯ୍ୟ**

ନାରୀ ସଦା ପୂଜନୀୟା । ସେ ପୁଣି ଜାୟା, ଜନନୀ ଓ ଭଗିନୀ। ଏହି ତ୍ରିବିଧ ରୂପରେ ଭରି ରହିଛି ସ୍ନେହ, ଶ୍ରଦ୍ଧା ଓ ଭକ୍ତି। ଯେଉଁ ଦେଶର ନାରୀ ଶକ୍ତି ଯେତେ ଶକ୍ତ ସେ ଦେଶ ସେତେ ଉନ୍ନତ। ଖାଲି ସେତିକି ନୁହେଁ , କୌଣସି ଦେଶର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜିର ନାରୀ ବିଜ୍ଞାନ କାରିଗରୀ ଠାରୁ ଆରମ୍ଭ କରି ରାଜନୈତିକ, ପ୍ରଶାସନିକ, ଶିକ୍ଷା, ପ୍ରତିରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରୁଛି। ମହିଳାମାନଙ୍କ ସ୍ୱାଭିମାନ, ଅସ୍ମିତା ଓ ଅଧିକାର ପାଇଁ ବିଶ୍ୱ ସ୍ତରରେ ମଧ୍ୟ ଚିନ୍ତାକରାଯାଉଛି। ସେଥିପାଇଁ ଆମ ରାଜ୍ୟ, ଦେଶ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ସେମାନଙ୍କର ସମସ୍ୟା, ନିରାକରଣ ଏପରିକି ସଶକ୍ତିକରଣ ନେଇ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି। ଏସବୁ ସତ୍ତ୍ୱେ ସେମାନଙ୍କ ଉପରେ ଅତ୍ୟାଚାର, ବ୍ୟଭିଚାର, ହିଂସାତ୍ମକ ଆଚରଣ କମିବାର ନାଁ ଧରୁନାହିଁ। ବରଂ ପ୍ରତିଦିନ ଖବର କାଗଜ ପୃଷ୍ଠା ଲେଉଟାଇଲେ ବା ଟିଭି ପରଦା ଖୋଲିଲେ ନାରୀ ନିର୍ଯାତନାର କରୁଣ ଚିତ୍ର ଆଖି ସାମ୍ନାକୁ ଆସେ ।

ମାତ୍ର ଆମ ଦେଶରେଏହି ମାନବ ସମ୍ବଳକୁ ବିକାଶ ପ୍ରକ୍ରିୟାରେ ଅଦ୍ୟାବଧି ସଠିକ୍ ଭାବେ ବିନିଯୋଗ କରାଯାଇନାହିଁ। ବରଂ ଅଧିକାଂଶ କ୍ଷେତ୍ରରେ ମହିଳାମାନଙ୍କୁ ସେମାନଙ୍କ ନାର୍ଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି। ଖାଲି ସେତିକି ନୁହେଁ, ମହିଳା ଓ ଶିଶୁ କନ୍ୟାଙ୍କ କଥା ବିଚାରକୁ ନେଲେ ଆମ ଦେଶ ଭାରତ ଏକ ବିପଜ୍ଜନକ ରାଷ୍ଟ୍ର ରୂପେ ପରିଗଣିତ । ନାରୀମାନଙ୍କ ସୁରକ୍ଷା ଓ ସ୍ୱାଧୀନତା ନିମନ୍ତେ ବହୁ ବୈଧାନିକ ଓ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥା କରାଯିବା ସତ୍ତ୍ୱେ ବହୁ ସଂଖ୍ୟକ ନାରୀ ଆଜି ହିଂସାତ୍ମକ ଆଚରଣର ଶିକାର ହେଉଛନ୍ତି। ସେମାନଙ୍କୁ ଶାରୀରିକ ନିର୍ଯାତନା, ମାନସିକ ନିର୍ଯାତନା, ଯୌନ ନିର୍ଯାତନା ଦେବା ସହ ଭୟ ଦେଖାଇବା ଏପରିକି ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ଓ ହତ୍ୟା କରିବା ଆଦି ଘଟଣା ଆମ ଦେଶରେ ସାଧାରଣ ହେଇଗଲାଣି। ମିଳିଥିବା ପରିସଂଖ୍ୟାନରୁ ଜଣାଯାଏ ଭାରତରେ ପ୍ରତ୍ୟେକ ୭ମିନିଟ୍‌ରେ ଜଣେ ମହିଳାଙ୍କ ପ୍ରତି ଏକ ଅପରାଧ ସଂଗଠିତ ହୁଏ ଏବଂ କେବଳ ଘର ଭିତରେ ପ୍ରତ୍ୟେକ ୧୪ମିନିଟ୍‌ରେ ଜଣେ ମହିଳାଙ୍କ ପ୍ରତି ନିଷ୍ଠୁରତା କରାଯାଏ। ପ୍ରତ୍ୟେକ ୬ମିନିଟ୍‌ରେ ଗୋଟି ଧର୍ଷଣହୁଏ, ପ୍ରତ୍ୟେକ ୧୦୦ମିନିଟ୍‌ରେ ଗୋଟିଏ ଯୌତୁକ ଜନିତ ମୃତ୍ୟୁ ହୁଏ। ବଳାତ୍କାର ଓ ଯୌନ ନିର୍ଯାତନା ପ୍ରତି ୨୬ ମନିଟ୍‌ରେ ହୁଏ। ସେହିପରି ନାରୀ ଅପହରଣ ପ୍ରତ୍ୟେକ ୪୦ ମନିଟ୍‌ରେ ଏବଂ ଅଶାଳୀନତା ପ୍ରଦର୍ଶନ ପ୍ରତ୍ୟେକ ୫୧ ମନିଟ୍‌ରେ ହୁଏ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଆମ ସମାଜରେ ନାରୀମାନେ ସବୁ ଦୃଷ୍ଟିରୁ ସମାଜକୁ ଅଧିକ ଦାନ କରିଥାନ୍ତି, ତଥାପି ସେମାନେ ନିର୍ଯାତିତା, ଉତ୍ପୀଡତା, ଅସୁରକ୍ଷିତା। ଏତଦ୍‌ବ୍ୟତୀତ ବହୁ ପରିବାରରେ ଗୋଟିଏ ଝିଅପିଲାର ଜନ୍ମକୁ ଅଭିଶାପ ବୋଲି ଏବେ ମଧ୍ୟ ଧରାଯାଏ। ଏପରିକି ନାରୀମାନଙ୍କୁ ସେମାନଙ୍କ ରାଜନୈତିକ ସ୍ୱାଧୀନତା ଓ ଅଧିକାରରୁ ବଞ୍ଚିତ କରାଯାଉଛି। ଦେଶ ସ୍ୱାଧୀନ ହେବାର ୭୪ ବର୍ଷ ଅତିବାହିତ ହେଲେ ମଧ୍ୟ ଦେଶର ଆଇନ ପ୍ରଣୟନ ଓ ବିକାଶ ପ୍ରକ୍ରିୟାରେ ନାରୀମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ହେବାର ଦେଖାଯାଇନାହିଁ।

ବିଳମ୍ବରେ ହେଲେ ମଧ୍ୟ ନାରୀ ସଶକ୍ତିକରଣକୁ ଉନ୍ନୟନ ଯୋଜନା ପ୍ରକ୍ରିୟାର ଏକ ପ୍ରଧାନ ଆଭିମୁଖ୍ୟ ଭାବେ ଗ୍ରହଣ କରାଯାଇଛି। ଏଥିପାଇଁ ସ୍ଥାନୀୟ, ରାଜ୍ୟ, ଜାତୀୟ ଏପରିକି ବିଶ୍ୱ ସ୍ତରରେ ନାରୀମାନଙ୍କୁ ନିର୍ଯାତନା ତଥା ଉତ୍ପୀଡନରୁ ରକ୍ଷାକରିବା ପାଇଁ ବହୁ ନାରୀ ସଂଗଠନ ମିଳିତ ଭାବରେ ସ୍ୱର ଉତ୍ତୋଳନ କଲେଣି । ନାରୀମାନଙ୍କୁ ଆଉ ନିର୍ଯାତନା ନଦେଇ ସମାଜରେ ସେମାନଙ୍କୁ ଉପଯୁକ୍ତ ସ୍ଥାନ ଓ ସମ୍ମାନ ଦେବା ନିମନ୍ତେ ସାଧାରଣରେ ମତ ପ୍ରକାଶ ପାଇଲାଣି। ଏଥିପାଇଁ ୧୯୯୫ ମସିହା ଜାତି ସଂଘ ଦ୍ୱାରା ଆହୂତ କାଏରୋ ସମ୍ମିଳନୀରେ ନାରୀ ସଶକ୍ତିକରଣ ଉପରେ ବହୁ ଆଲୋଚନା କରାଯାଇ ଏଦିଗରେ ସଭ୍ୟ ରାଷ୍ଟ୍ରମାନେ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାର ଆହ୍ୱାନ କରାଯାଇଥିଲା । ସେହି ସମୟରୁ ପ୍ରତ୍ୟେକ ଦେଶରେ ଅର୍ଥିକ ବିକାଶ ପ୍ରକ୍ରିୟାରେ ଲିଙ୍ଗ ସମାନତା, ଲିଙ୍ଗ ସମତା ଓ ଲିଙ୍ଗ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇ ଆସୁଅଛି। ନାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉପଯୁକ୍ତ ସୁଯୋଗ ଦେଇ ସେମାନଙ୍କୁ ଦେଶର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ପାଇଁ କେନ୍ଦ୍ର ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଖୋଲିଛନ୍ତି। ଏହି ବିଭାଗ ଦ୍ୱାରା ବିଭିନ୍ନ ଯୋଜନାମାନ ପ୍ରଣୟନ କାରାଯାଇ ସେମାନଙ୍କୁ ସଶକ୍ତିକରଣ କରିବାର ଲକ୍ଷ୍ୟ ରଖାଯାଇଛି। ଦେଶର ନାରୀମାନଙ୍କୁ ସଶକ୍ତ କରିବା ନିମନ୍ତେ ୧୯୯୨ ମସିହାରେ ଜାତୀୟ ମହିଳା କମିଶନ ସ୍ଥାପନ କରାଯାଇଅଛି ।ବିଭିନ୍ନ ନାରୀ ସଂକ୍ରାନ୍ତୀୟ ଆଇନଗୁଡିକୁ ପନଃବ୍ୟାଖ୍ୟା କରିବା, କାର୍ଯ୍ୟାଳୟରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଧରଣର ଉତ୍ପୀଡନ ଓ ଯୌନ ନିର୍ଯାତନାକୁ ପ୍ରତିରୋଧ କରିବା ଓ ସେଗୁଡିକ ନିରାକରଣ ନିମିତ୍ତ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି କମିଶନର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟ ସ୍ତରରେ ରାଜ୍ୟ ମହିଳା କମିଶନ ମଧ୍ୟ ମହିଳାମନାଙ୍କୁ ବିଭିନ୍ନ ନିର୍ଯାତନାରୁ ରକ୍ଷା କରିବାପାଇଁ ଉଦ୍ୟମ କରୁଛନ୍ତି। ଏତଦ୍ ବ୍ୟତୀତ ୧୯୯୩ ମସିହାରେ ଅଣଆନୁଷ୍ଠାନିକ କ୍ଷେତ୍ରରେ କାମ କରୁଥିବା ଗରିବ ଓ ଅଭାବୀ ମହିଳାମାନଙ୍କୁ ଋଣ ଯୋଗାଣ ନିମନ୍ତେ ରାଷ୍ଟ୍ରୀୟ ମହିଳା କୋଷ ସ୍ଥାପନ କରାଯାଇଅଛି। ଏହା କେବଳ ମହିଳାମାନଙ୍କ ପାଇଁ ଏକ ଜାତୀୟ ଋଣନିଧି ବା ସଞ୍ଚିତ ଅର୍ଥ। ଗ୍ରାମୀଣ ମହିଳା ଓ ଶିଶୁ ଉନ୍ନୟନ ଯୋଜନା ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କରାଯାଉଛି । ମହିଳାମାନଙ୍କ ଅର୍ଥନୈତିକ ସାମାଜିକ ବିକାଶ ଏହାର ଲକ୍ଷ୍ୟ। ଏଥିନିମନ୍ତେ ମହିଳାମାନେ ଦଳଗତଭାବେ ଆୟ ଉତ୍ପାଦନକାରୀ ସଂସ୍ଥା ଖୋଲିବାକୁ ଚାହିଁଲେ ଏହି ଯୋଜନା ମାଧ୍ୟମରେ ସେମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଇଥାଏ। ସେହିପରି ମହିଳା ବିକାଶ ନିଧି ହେଉଛି ଆଉ ଏକ ଯୋଜନା ଯାହା ଭାରତୀୟ କ୍ଷୁଦ୍ର ଶିଳ୍ପ ଉନ୍ନୟନ ବ୍ୟାଙ୍କଦ୍ୱାରା ସୃଷ୍ଟି କରାଯାଇଥିବା ଏକ ପାଣ୍ଠି। ଏହାର ଉଦ୍ଦେଶ୍ୟ ହେଉଛି ଶିଳ୍ପ କ୍ଷେତ୍ରରେ ଦରିଦ୍ର ମହିଳାମାନଙ୍କ ପାଇଁ ଆତ୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଏହି ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଏ। ଏଥିସହିତ ୨୦୦୮–୦୯ବର୍ଷରୁ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଉଛି। ଏହି ଯୋଜନାରେ ମହିଳାମାନଙ୍କ ସମେତ ଗରିବ ଶ୍ରେଣୀଭୁକ୍ତ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। ୧୯୯୭ ଡିସେମ୍ବର ପହିଲାରୁ ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା କାର୍ଯ୍ୟକାରୀ ହେଉଅଛି। ଏହି ଯୋଜନା ମାଧ୍ୟମରେ ସହରୀ ଗରିବ ଶ୍ରେଣୀର ମହିଳାମାନଙ୍କୁ ସେମାନଙ୍କ ଅର୍ଥନୈତିକ ସ୍ଥିତିର ଉନ୍ନତି ପାଇଁ ପ୍ରୋତ୍ସାହନ ଦିଆଯାଉଛି। ନାରୀମାନଙ୍କୁ କାର୍ଯ୍ୟ ଦକ୍ଷତା, ସହସିକତା ଓ ଅନ୍ୟାନ୍ୟ ବିଶେଷ ଦକ୍ଷତା ପ୍ରଦର୍ଶନ ନିମିତ୍ତ ସ୍ତ୍ରୀ ଶକ୍ତି ପୁରସ୍କାର ବ୍ୟବସ୍ଥା କରାଯାଇଅଛି। ଯେଉଁ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନାରୀମାନଙ୍କୁ ଏଦିଗର ସାହାଯ୍ୟ ତଥା ପ୍ରେରଣା ଯୋଗାଇ ଆସୁଛନ୍ତି ସେମାନଙ୍କୁ ପୁରସ୍କୃତ କରିବାର ମଧ୍ୟ ବ୍ୟବସ୍ଥା ରହିଛି। କନ୍ୟା ସନ୍ତାନମାନଙ୍କର ସୁରକ୍ଷା ତଥା ଶିକ୍ଷା ସୁନିଶ୍ଚିତ କରିବା ପାଇଁ ୨୦୧୫ ମସିହା ଜାନୁଆରୀ ୨୨ତାରିଖ ଠାରୁ ବେଟି ବଞ୍ଚାଅ, ବେଟିପଢାଅ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏପରିକି ଚଳିତ ବର୍ଷ ଜାତୀୟ କନ୍ୟା ଦିବସ ପାଳନ ଅବସରରେ ସୃଷ୍ଟି ଗୋସ୍ୱାମୀଙ୍କୁ ଗୋଟିଏ ଦିନପାଇଁ ମୁଖ୍ୟମନ୍ତ୍ରୀ କରି ଏକ ନିଆରା ଉଦାହରଣ ସୃଷ୍ଟି କରାଯାଇଛି। ଦେଶରେ ଦୃତ ଗତିରେ ହ୍ରାସ ପାଉଥିବା ଶିଶୁ ଲିଙ୍ଗାନୁପାତକୁ ଦୃଷ୍ଟିରେ ରଖି କନ୍ୟା ସନ୍ତାନମାନଙ୍କ ସୁରକ୍ଷା ସମେତ ସେମାନଙ୍କ ଶିକ୍ଷା ସୁନିଶ୍ଚିତ କରିବାକୁ ଭାରତ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି। ଏଥିସହିତ ଇନ୍ଦ୍ରାଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା କେନ୍ଦ୍ର ସରକାରଙ୍କ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ୧୯ବର୍ଷରୁ ଉର୍ଦ୍ଧ୍ୱ ଆସନ୍ନ ପ୍ରସବା ମହିଳା ଓ ଜନନୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଉଚିତ୍ ଧ୍ୟାନ ଦେବା ଲକ୍ଷ୍ୟରେ ଦେଶର କାର୍ଯ୍ୟକାରୀ କରାଯାଉଛି। ପ୍ରଥମ ଦୁଇଟି ସନ୍ତାନ ପ୍ରସବ କ୍ଷେତ୍ରରେ ମହିଳାମାନଙ୍କୁ ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଯୋଜନାରେ ୬୦୦୦ଟଙ୍କା ପ୍ରଦାନ କରାଯାଉଛି। ସର୍ବୋପରି ମହିଳାମାନଙ୍କ ବିରୋଧରେ ହେଉଥିବା ହିଂସାକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ପୂର୍ବତନ ମୁଖ୍ୟ ବିଚାରପତି ଜେ.ଏସ୍ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। କମିଟି ରିପୋର୍ଟ ଆଧାରରେ ସରକାର ମହିଳାମାନଙ୍କ ବିରୋଧରେ ହେଉଥିବା ହିଂସାକୁ ଦମନ କରିବା ପାଇଁ ଏକ ଅଧ୍ୟାଦେଶ ମଧ୍ୟ ଜାରି କରିଛନ୍ତି। କେବଳ ଆମ ଦେଶ ନୁହେଁ, ବିଶ୍ୱସ୍ତରରେ ନାରୀ ମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର। ତଥାପି ପ୍ରତି ମୁହୂର୍ତ୍ତରେ ନାରୀକୁ ନୂଆ ନୂଆ ସଂଘର୍ଷର ସମ୍ମୁଖୀନ ହେବାକୁ ପଡୁଛି। ଦିନକୁ ଦିନ ନୂଆ ନୂଆ ଘଟଣା ଘଟିବାରେ ଲାଗିଛି। ସଭ୍ୟତା ଯେତେ ଆଗଉଛି ଆମ ଭିତରେ ଭୋକ୍ତା ମନୋଭାବ ସେତେ ବଢିବାରେ ଲାଗିଛି। ଏବେବି ଘରେ ବା ବାହାରେ ସେମାନଙ୍କୁ ପ୍ରତି ପ୍ରତିମୁହୂର୍ତ୍ତରେ ବିପଦର ସାମ୍ନା କରିବାକୁ ପଡୁଛି। ଛୋଟ ପଲା ଠାରୁ ଆରମ୍ଭକରି କିଶୋରୀ, ମହିଳା ଏପରିକି ବୃଦ୍ଧାମାନେ ମଧ୍ୟ ନିଜକୁ ନିରାପଦ ମଣୁନାହାଁନ୍ତି। ସବୁଠି ମହିଳାମାନଙ୍କ ଆଡକୁ ଲୋଲୁପ ଦୃଷ୍ଟି। କୁହାଯାଏ–ନାରୀ ଜନନୀ, ଜାୟା, ଭଗିନୀ। ତେଣୁ ପରିବାରରେ ନାରୀକୁ ଏହି ତିନି ରୂପରେ ଦେଖିବାର ମାନସିକତା ସୃଷ୍ଟି ହେଲେ ଏଭଳି ସମସ୍ୟା ଉପୁଜନ୍ତା ନାହିଁ ।

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ : ୯୩୩୭୨୨୧୯୨୪



# ମୋ ଗାଁ

## ମେଗା ପାନୀୟ ଜଳ ପ୍ରକଳ୍ପ ପାଇପ ଲାଇନ ଯୋଗୁଁ ରାସ୍ତା ନଷ୍ଟ, ମାମଲା ରୁଜୁ, ଜେସିବି ଜବତ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଠାରୁ କୋସକାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସଂପ୍ରସାରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲୁ ରହିଛି । ତେବେ ମେଗା ପାନୀୟ ଜଳ ପ୍ରକଳ୍ପ ପକ୍ଷରୁ ନିର୍ମାଣଧିନ ରାସ୍ତା ପାର୍ଶ୍ୱକୁ ଲାଗି ମାଟି ତଳେ ପାଇପ ଲାଇନ ବିଛା ଯାଉଛି । ଉକ୍ତ କାର୍ଯ୍ୟରେ ନିୟୋଜିତ ଠିକାଦାର ମନଇଚ୍ଛା ଜେସିବି ଯୋଗେ ରାସ୍ତା ଖୋଳତାଡ କରି ପାଇପ ଲାଇନ ବିଛାଇବା କାର୍ଯ୍ୟ ଜାରି ରଖିଛି । ଫଳରେ ପାଇପ ଲାଇନ ଯୋଗୁଁ ରାସ୍ତା ନଷ୍ଟ ହେବା ସହ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହେଉଛି । ଖଳିସାହି- କୋସକା ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ସୁରେଶ ଚନ୍ଦ୍ର ସାହୁ ଏ ସଂପର୍କରେ ଖଣ୍ଡପଡା ଥାନାରେ ବୁଧବାର ଲିଖିତ ଅଭିଯୋଗ କରିବାରେ ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି । ବିନାନୁମତିରେ ରାସ୍ତା ପାର୍ଶ୍ୱ ଖୋଳି ପାଇପ ଲାଇନ ବିଛାଇବା କାର୍ଯ୍ୟରେ ନିୟୋଜିତ ଥିବା ଏକ ଜେସିବି ଗାଡିକୁ ମଧ୍ୟ ପୋଲିସ ଜବତ କରି କୋସକା ଫାଣ୍ଡି ପରିସରରେ ଅଟକ ରଖିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଠାରୁ ପ୍ରକାଶ ।

## ଧର୍ମଶାଳା ବ୍ଲକରେ ୭୮ ପ୍ରତିଶତ ମତଦାନ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଶେଷ ହୋଇଛି । ବ୍ଲକର ୪୫ଟି ପଂଚାୟତର ୬୩୭ଟି ବୁଥ ମଧ୍ୟରୁ ୬୩୪ଟି ବୁଥରେ ୧ଲକ୍ଷ ୭୭ହଜାର ୧୧୨ ଭୋଟରଙ୍କ ମଧ୍ୟରୁ ୭୮.୦୯ହାରରେ ୧ଲକ୍ଷ ୩୮ ହଜାର ୩୧୧ଜଣ ଭୋଟର ମତଦାନ କରିଛନ୍ତି । ଏମାନଙ୍କ ମଧ୍ୟରେ ପୁରୁଷ ଭୋଟର ୭୧ ହଜାର ୫୩୨ଜଣ ଥିବା ବେଳେ ୬୬ହଜାର ୭୭୯ମହିଳା ଭୋଟର ରହିଛନ୍ତି ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ନିର୍ବାଚନ ପାଇଁ ସକାଳ ୭ରୁ ଦିନ ୧ଟାପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଥିଲା ବେଳେ ଅନେକ ବୁଥରେ ଅପରାହ୍ନ ୪ଟା ଯାଏ ଭୋଟ ଗ୍ରହଣ ହୋଇଥିଲା । ଆଜି ସକାଳୁ ବ୍ଲକର ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ କରିବା ପାଇଁ ଭୋଟରଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା ଯୁବ ଭୋଟର ଠୁ ଆରମ୍ଭ କରି ମହିଳା ଓ ବୟସ୍କ ଭୋଟର ସମସ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଭୋଟରମାନେ ନିଜ ମନ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ବହୁ ସମୟ ଧରି ଲମ୍ବାଧାଡିରେ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା । ଏପଟେ ଧର୍ମଶାଳା ବ୍ଲକର ଜାରକା ପ୍ରାଥମିକ ବିଦ୍ୟାଳୟରେ ପ୍ରସ୍ତୁତ ପିଙ୍କ ବୁଥ୍ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା । ଏହି ପିଙ୍କ ବୁଥରେ ମହିଳା ପୋଲିଂ କର୍ମଚାରୀମାନେ ରହି ଭୋଟ ପରିଚାଳନା କରିଥିଲେ । ବ୍ଲକର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ ଯାଜପୁର ଜିଲ୍ଲା ପାଇଁ ନିୟୋଜିତ ନିର୍ବାଚନ ପର୍ଯ୍ୟବେକ୍ଷକ ତଥା ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ପ୍ରତାପ କୁମାର ମିଶ୍ର । ବଡମଙ୍ଗଳପୁର ବୁଥରେ ପୂର୍ବତନ ସାଂସଦ ରୀତା ତରାଇ ଓ ଅରଙ୍ଗାବାଦ ବୁଥରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ମତଦାନ କରିଥିଲେ । ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଗଙ୍ଗାଧରପୁର ପଂଚାୟତ ନୂଆଗାଁ କୋପେରର ବୁଥରେ ନିଜର ମତଦାନ ସାବ୍ୟସ୍ତ କରିଥିଲେ । ଏପଟେ ଭୋଟିଂ ସରିବା ପରେ ପୋଲିଂ ପାର୍ଟି ଭୋଟ ବାକ୍ସ ଧରି ଧର୍ମଶାଳା ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ ରୁମ୍‌ରେ ଭୋଟ ବାକ୍ସ ଦାଖଲ କରିଥିଲେ । କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟ ବାକ୍ସ ଗୁଡିକ ସେଠାରେ ପହଂଚିବା ପରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସେଗୁଡିକୁ ଷ୍ଟ୍ରଙ୍ଗରୁମରେ ରଖାଯାଇଛି । ଏବେ ୯୫୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ ହୋଇସାରିଥିବା ବେଳେ ଭୋଟ ଗଣତି ଆସନ୍ତା ୨୬, ୨୭ ଓ ୨୮ ତାରିଖରେ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ।

## ଧର୍ମଶାଳା ବ୍ଲକରେ ୩ଟି ବୁଥରେ ଭୋଟ ଗ୍ରହଣ ସ୍ଥଗିତ, ପୁନର୍ବାର ମତଦାନ ପାଇଁ ସୁପାରିଶ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକର ପ୍ରଥମ ପର୍ଯ୍ୟାୟରେ ଆଜି ନିର୍ବାଚନ ନିମନ୍ତେ ୬୩୪ ବୁଥରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିବା ବେଳେ ୩ଟି ବୁଥରେ ବିଶୃଙ୍ଖଳା ଯୋଗୁ ମତଦାନ ବନ୍ଦ ରହିଥିଲା । ୨ଗୋଟି ପଂଚାୟତର ୩ଟି ବୁଥରେ ଜବରଦଖଲ ଯୋଗୁ ପୁନଃ ମତଦାନ ପାଇଁ ସୁପାରିସ କରାଯାଇଛି । ଧର୍ମଶାଳା ବ୍ଲକ ଦେଓଦା ପଂଚାୟତ ଚଇନିହୁଡା ପ୍ରାଥମିକ ବିଦ୍ୟାଳୟର ୬ନଂ ଓ ୭ନଂ ଏବଂ ଅରାବଳ ପଂଚାୟତ ନାଳକୂଳ ପ୍ରାଥମିକ ବିଦ୍ୟାଳୟର ୮ନଂ ବୁଥରେ ଉତେଜନା ଯୋଗୁ ଭୋଟ ଗ୍ରହଣ ବନ୍ଦ କରାଯାଇଥିଲା । ସକାଳ ୭ଟା ଠାରୁ ୯ଟା ପର୍ଯ୍ୟନ୍ତ ଏହି ସବୁ ବୁଥରେ ସୁରୁଖୁରରେ ମତଦାନ ଚାଲିଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ଜୋର ଜବରଦସ୍ତ ଭୋଟ କରିବା ପାଇଁ ଉଦ୍ୟମ କରିଥିଲେ । ଯାହା ଫଳରେ ଏଠାରେ ଉତେଜନା ସୃଷ୍ଟି ହେବା ସହ ଭୋଟ ଗ୍ରହଣକୁ ବନ୍ଦ କରାଯାଇଥିଲା । ଏହି ୩ଟି ବୁଥରେ ଆଜି ମୋଟ ୮୪୭ଜଣ ଭୋଟର ମତଦାନ କରିଥାନ୍ତେ । ଗଣ୍ଡଗୋଳ ସମ୍ପର୍କରେ ଖବର ପାଇ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଏସପି ରାହୁଲ ପିଆର ସଂପୃକ୍ତ ବୁଥ ଅଂଚଳ ପରିଦର୍ଶନ କରିବା ସହ ସ୍ଥିତିର ଅନୁଧ୍ୟାନ କରିଥିଲେ ।

## ଲିଖିତ ଗଳ୍ପ ସଙ୍କଳନ 'କହୁ କହୁ କହିଦେଲି' ପୁସ୍ତକ ଉଦ୍‌ଘାଟିତ



ବଣ୍ଡିଖୋଲ,(ପିଏନ୍): ଶିଶୁ ସାହିତ୍ୟିକ ଡକ୍ଟର ପ୍ରିୟନାଥ ମହାପାତ୍ରଙ୍କ ଲିଖିତ ଗଳ୍ପ ସଙ୍କଳନ 'କହୁ କହୁ କହିଦେଲି' ପୁସ୍ତକ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ଅଧକ୍ଷତା କରିଥିଲେ । ପୁସ୍ତକରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ, ପ୍ରଫେସର ଡ଼ ବିଜୟ କୁମାର ଶତପଥି, ପ୍ରଫେସର ଡ଼ ପ୍ରଦୀପ ପଣ୍ଡା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଡ଼ ସୂର୍ଯ୍ୟମଣି ଖୁଣ୍ଟିଆ, ପ୍ରାଧ୍ୟାପକ ଡ଼ ରବିନ୍ଦ୍ର ବିହାରୀ, ସାହିତ୍ୟିକ ଡ଼ ଗାଳକିଶୋର ପାଢୀ, କବି ପ୍ରଭାକର ଶତପଥୀ, କବି ଡ଼ ଗୌତମ ଜେନା ଓ ଡ଼ ପ୍ରିୟନାଥ ମହାପାତ୍ର ଯୋଗ ଦେଇଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା । ସାହିତ୍ୟକୁ ବଂଚାଇବାକୁ ହେଲେ ଲେଖକ ମାନେ ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ ଲେଖିବାର ଆବଶ୍ୟକତା ରହିଛି । ଓଡ଼ିଆ ସାହିତ୍ୟ ହେଉଛି ଆମ ରାଜ୍ୟର ମୁଖପତ୍ର । ଓଡ଼ିଆ ଭାଷା ସାହିତ୍ୟକୁ ବଂଚାଇବା ପାଇଁ ସମସ୍ତ ଲେଖକ ମାନେ ପ୍ରଚେଷ୍ଟା ଜାରି ରଖିଛନ୍ତି । ଯେଉଁଥିପାଇଁ କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟକୁ ଓଡ଼ିଆ ଭାଷାକୁ ମାନ୍ୟତା ଦେଇଛନ୍ତି । ଡ଼ ପ୍ରିୟନାଥ ମହାପାତ୍ର ଯେଉଁ ପୁସ୍ତକ ଛପାଇଛନ୍ତି ସେ ନେଇ ଅତିଥି ମାନେ ପୁସ୍ତକ ଉନ୍ମୋଚନ କରିବା ସହିତ ଡ଼ ମହାପାତ୍ରଙ୍କୁ ପ୍ରଶଂସା କରିଥିଲେ ।

## ସିଧାମୂଳା ପଂଚାୟତରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ କଡା ମୁକାବିଲା

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକର ସିଧାମୂଳା ପଂଚାୟତରେ ସରପଂଚ ଓ ସମିତିସଭ୍ୟ ପଦବୀ ନିମନ୍ତେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ/ ପ୍ରାର୍ଥିନୀଙ୍କ ମଧ୍ୟରେ କଡା ମୁକାବିଲା ହେଉଥିବା ଜଣାପଡିଛି । ସରପଂଚ ଓ ସମିତିସଭ୍ୟ ପଦବୀ ଅସଂରକ୍ଷିତ ରହିଥିବାରୁ ସରପଂଚ ପଦବୀ ନିମନ୍ତେ ସ୍ନେହଲତା ସାହୁ, ପ୍ରଭାତି କୁମାରୀ ବାରିକ ଓ ଗୀତାଂଜଳି ଜେନା ନିର୍ବାଚନରେ ଲଢୁଛନ୍ତି । ସେହିପରି ସମିତିସଭ୍ୟ ପଦବୀ ପାଇଁ ଶିକ୍ଷାବିତ୍ ବିଗ୍ରାପକ୍ଷ ମିଶ୍ର, ମହେଶ୍ୱର ରାଉତ, ତ୍ରିନାଥ ନାୟକ, ବିକାଶ କୁମାର ନାୟକ, ସାନ୍ତନୁ ନାୟକ ପ୍ରମୁଖ ନିର୍ବାଚନ ଲଢୁଥିବା ବେଳେ ହେଁ ସ୍ନେହଲତା ଓ ଗୀତାଂଜଳିଙ୍କ ନାମ ଚର୍ଚ୍ଚାରେ ରହିଛି । ଶିକ୍ଷାବିତ୍ ବିଗ୍ରାପକ୍ଷ ଓ ମହେଶ୍ୱରଙ୍କ ମଧ୍ୟରେ ସମିତିସଭ୍ୟ ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେଉଛି । ମୋଟାମୋଟି ଭାବେ ଶାସକ ଦଳରେ ଫାଟ ସୃଷ୍ଟି ହୋଇ ଦୁଇ ଭାଗରେ ବିଭକ୍ତ ହୋଇଛି । ଖଣ୍ଡପଡା ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଗୋଷ୍ଠୀ ଶାସକ ଦଳ ସମର୍ଥିତ ସରପଂଚ ଓ ସମିତିସଭ୍ୟଙ୍କ ପାଇଁ ଅଂଟା ଭିଡି ପ୍ରଚାର ଅଭିଯାନକୁ ଜୋରଦାର କରିଥିବା ବେଳେ ଅପରପକ୍ଷେ ପୂର୍ବତନ ସରପଂଚ ନିରଂଜନ ପଣ୍ଡା, କୈଳାସ ଚନ୍ଦ୍ର ଦଳେଇ, ଯୁବ ସଂଗଠକ ଟିଟନ ସାହୁଙ୍କ ସମେତ ବିଜେଡି ଦଳର ଅସନ୍ତୁଷ୍ଟ ନେତା, ଛାମୁଆ ସଂଗଠକ ମାନେ ସରପଂଚ ପ୍ରାର୍ଥୀନି ସ୍ନେହଲତା ଓ ସମିତିସଭ୍ୟ ପ୍ରାର୍ଥୀ ବିଗ୍ରାପକ୍ଷଙ୍କ ପାଇଁ ପ୍ରଚାର ଚଳାଇଛନ୍ତି । ଶାସକ ଦଳର କାର୍ଯ୍ୟକାଳ ସମୟରେ ସିଧାମୂଳା ପଂଚାୟତରେ ସେଭଳି କୌଣସି ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ ହୋଇ ନଥିବା ଦର୍ଶାଇ ବିରୋଧୀମାନେ ପ୍ରଚାରପତ୍ର ବାଂଟିଥିବା ବେଳେ ସମଗ୍ର ପଂଚାୟତରେ ସାମଗ୍ରିକ ବିକାଶ ପାଇଁ ଯୋଗ୍ୟତା ଓ ଦକ୍ଷତା ଥିବା ପ୍ରାର୍ଥୀ/ ପ୍ରାର୍ଥିନୀଙ୍କୁ ଭୋଟ ଦେଇ ନିର୍ବାଚିତ କରିବୁ ବୋଲି ପଂଚାୟତରେ ବହୁ ପୁରୁଣା ଲୋକ, ବୁଦ୍ଧିଜୀବି, ଶିକ୍ଷାବିତ୍ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

## କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ





ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନାଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧ୍ୟକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ । ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲାମ୍ପସ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ । ନୂଆ କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରକୁ ସେମାନଙ୍କ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ । ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ପୋରେଟ୍ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହଂଚି ସେମାନଙ୍କ ଠାରୁ ଫସଲ କିଣିବା ଆଉ ସମ୍ଭବ ହେବନାହିଁ । ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ କିଣିଲେ ସାଧାରଣ ବ'ଟନ ବ୍ୟବସ୍ଥା ପ୍ରଭାବିତ ହେବ । ଏହାଦ୍ୱାରା ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ । ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନକୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟତରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବାରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋଜିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଫଳରେ ଖାଦ୍ୟଶସ୍ୟର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ ଏବଂ ଏହାକୁ କିଣି ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଡା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ । ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରଙ୍କ ଏହି କଳା କୃଷି ଆଇନ୍କୁ ସମସ୍ତେ ମିଳିମିଶି ଦୃଢ଼ ବିରୋଧ କରିବାର ଆବଶ୍ୟକତା ରହିଛି ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବାରମିତ୍ରପୁର କଂଗ୍ରେସ ନେତା ରୋଜିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧ୍ୟକ୍ଷ ଜୈକାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନାଲ କେର୍କେଟ୍ଟା, ସୁକୁ ଅରିଁ, ଅନାଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାର୍କ ନନ୍ଦିଆ, ବାସିଲ ଯୋସେଫ, ପ୍ରଶାନ୍ତ ଟପ୍ପୋ, ସୁରଜ ସାହୁ, କୁଶଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ଡୁଙ୍ଗଡୁଙ୍ଗ, ଅଗୁଷ୍ଟିନ କାଣ୍ଡୁଲନା, ଅନାଲ ଖେସ୍ତଆଲ, କୁଏଲ ତେଙ୍ଗରା, ସୁରଜ ତିର୍କୀ, ଧରଣ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟ୍ଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁଜୁର, କୁମୁଦ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ ଥିଲେ ।

## ଡିଏସପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆଲୋଚନା ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ଚାକ୍ଷୁଷ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି କି, ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉଭବର / ଓଲା ଭଳି ବାହନ ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ଦୁଇଚକିଆ (ସେଗମେଣ୍ଟ ହାଏଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ କରିଆରେ ଜନସାଧାରଣଙ୍କ ଅନଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ତ୍ର ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ଧ୍ୱର୍ଣ୍ଣ ପ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରଏକ୍ଟିଭ୍; ଭଡାରେ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବା ସମ୍ଭାବନିଭିଳିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପଦା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସିର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ସେତେବେଳେ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ସେମ୍ପୋ, ସାବୁନ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସପି ଏମଏଫ ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କ ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ଶକ୍ତି ତଳକିତ୍ତିଗୁଡିକ ଅନଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୁଖ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିଥିଳତା କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ମିଡ୍ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସପି ଏମଏଫର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସ୍ଥାୟୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୁଲଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

## ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । ଭୁବନେଶ୍ୱରର ନୂଆପାଲ୍ଲୀ ଠାରେ ଏସାର ସିଷ୍ଟମ୍ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭର୍ଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରବୃତ୍ତିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବରେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ୟସୀ ପ୍ରଶଂଶା କରିଥିଲେ । ଏସାର ସିଷ୍ଟମ ଏବଂ ଇ -ଶିକ୍ଷା ଏବଂ ଇ ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ । ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମ୍ପୂର୍ଣ୍ଣ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅଷ୍ଟାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ । ଆନ୍ତର୍ଜାତିକ ଶୋଭନୀୟ ଆୟୋଜନର ମୁଖ୍ୟ ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ଜୀବିକାର ଭିତ୍ତି ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଭାରତ ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଟେନ୍ସାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବସେ ଉତ୍କଳ ଫାଉଣ୍ଡେସନର ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷକ ବିଦ୍ୟାର୍ଥୀ ଦ୍ୱାର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦ୍ଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ । ଉଭୟ ପ୍ରକୃତ ଓ ଭ୍ରଂଶ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଓ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମାନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବସ୍ପର୍ଶୀକରଣ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଂ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ । ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର-ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି.ଏମ.ଡି ଇଂ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଧ୍ୟମରେ ସୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ । ଏ କ୍ଷେତ୍ରରେ ଜବରଜ୍ଜ ମୁଛୁଲି ଓ ତାଙ୍କର ସାଥୀ କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




## ଆଇ.ଆଇ.ଟି. ହାଇଦ୍ରାବାଦର ଜାଲି ରିପୋର୍ଟ ମାମଲା




ଭୁବନେଶ୍ୱର (ପିଏନ୍)- କେନ୍ଦ୍ରାପଡ଼ା ଜିଲ୍ଲା ଖରସ୍ରୋତା ନଦୀରେ ନିର୍ମାଣାଧୀନ ମେଗା ପାଇପ ଜଳ ପ୍ରକଳ୍ପରେ ଆଇ.ଆଇ.ଟି ହାଇଦ୍ରାବାଦର ଜାଲି ରିପୋର୍ଟ ଦେଖାଇ ସରକାର ପ୍ରକଳ୍ପ ମଂଜୁର କରିଛନ୍ତି। ଜାଲ ରିପୋର୍ଟ ସଂପର୍କରେ ପ୍ରଥମେ ପ୍ରଦେଶ କଂଗ୍ରେସ ଖୁଲାସା କରିଥିଲା। ଏବେ ଆରଟିଆଇ ତଥ୍ୟ ରାଜ୍ୟ ସରକାରଙ୍କୁ ଜାଲିଆତିକୁ ସ୍ପଷ୍ଟ ଦିବାଲୋକରେ ଧରା ପକେଇ ଦେଇଛି। ଖରସ୍ରୋତା ନଦୀ ଉପରେ ଭଦ୍ରକ ଜିଲ୍ଲା ପାଇଁ ହେଉଥିବା ୧ ହଜାର କୋଟି ଟଙ୍କାର ସଂପୂର୍ଣ୍ଣ ମେଗାପାଇପ ଜଳ ପ୍ରକଳ୍ପଟି ଏକ ଘୋଟାଲା ବୋଲି ଆଇଆଇଟି ହାଇଦ୍ରାବାଦ କର୍ତ୍ତୃପକ୍ଷ ଦେଇଥିବା ତଥ୍ୟରୁ ପ୍ରମାଣିତ ବୋଲି କଂଗ୍ରେସ ମୁଖପାତ୍ର ସତ୍ୟ ପ୍ରକାଶ ନାୟକ କହିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକଳ୍ପ ମଂଜୁରୀ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆଇଆଇଟି ହାଇଦ୍ରାବାଦର ଜାଲି ରିପୋର୍ଟ ରାଜ୍ୟ ଇତିହାସର ସବୁଠାରୁ କଳଙ୍କିତ ଘଟଣା ବୋଲି କୁହାଯାଇଛି। ପରିବେଶ ମଂଜୁରୀ ପାଇଁ ଜାଲ ରିପୋର୍ଟ ପ୍ରଦାନ କରିବା ଏକ ଧର୍ତ୍ତବ୍ୟ ଅପରାଧ ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସହ ଆରଡବ୍ଲୁଏସ୍ଏସ୍‌ର ମୁଖ୍ୟଯନ୍ତ୍ରୀଙ୍କ ବିରୋଧରେ ମକଦମା ରୁଜୁ କରାଯିବା ପାଇଁ କଂଗ୍ରେସ ଦାବି କରୁଛି। ଯେହେତୁ ଜାଲ ରିପୋର୍ଟ ବଳରେ ପ୍ରକଳ୍ପକୁ ମଂଜୁରୀ ଦିଆଯାଇଛି ତେଣୁ ଧରାପଡ଼ିବା ପରେ ସଂପୂର୍ଣ୍ଣ ପ୍ରକଳ୍ପ ବେଆଇନ ଏବଂ ଅବୈଧ ତେଣୁ ତୁରନ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ସତ୍ୟପ୍ରକାଶ ନାୟକ ଦାବି କରିଛନ୍ତି। ଏଭଳି ଏକ ବିରାଟ ଘୋଟାଲା ସଂଭବ ହେବା ପଛରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଭୂମିକାକୁ ଏଡାଯାଇ ନପାରେ ଯେଉଁଥିପାଇଁ ପ୍ରତାପ ଦେବଙ୍କ ସହ ଅନ୍ୟ ବିଜେଡ଼ି ନେତା ମୁହଁ ଖୋଲୁନାହାନ୍ତି ବୋଲି ସତ୍ୟ ପ୍ରକାଶ ନାୟକ କହିଛନ୍ତି। ଯଦି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଏହି ଘୋଟାଲାରେ କୌଣସି ଭୂମିକା ନାହିଁ ତେବେ କାଳବିଳମ୍ବ ନକରି ଜାଲ ରିପୋର୍ଟ ମାମଲାରେ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀ ଦିଅନ୍ତୁ ବୋଲି ଶ୍ରୀ ନାୟକ ଦାବି କରିଛନ୍ତି। ଏହା ବ୍ୟତୀତ ଏହି ଜାଲ ସାର୍ଟିଫିକେଟ ଆସିଲା କେଉଁଠୁ କିଏ ଏହି ଜାଲ ସାର୍ଟିଫିକେଟ ପ୍ରସ୍ତୁତ କରିଛି ଏହାର ତଦନ୍ତ ସରିବା ଯାଏ ଗ୍ରାମୀଣ ଜଳ ଯୋଗାଣ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଉ ଏବଂ ସଂପୃକ୍ତ ଠିକାଦାର ସଂସ୍ଥାକୁ ରାଜ୍ୟରେ ବ୍ଲାକଲିଷ୍ଟ କରାଯାଉ ବୋଲି ସତ୍ୟ ପ୍ରକାଶ ନାୟକ ଦାବି କରିଛନ୍ତି।

## ଯାଜପୁର ଜିଲ୍ଲା ଛାତ୍ର କଂଗ୍ରେସ ସମ୍ପାଦକ ଭାବେ ସଞ୍ଜୀବ ଦାଶ ମନୋନିତ

ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା ଛାତ୍ର କଂଗ୍ରେସର ସମ୍ପାଦକଭାବେ ସଞ୍ଜୀବ କୁମାର ଦାଶଙ୍କୁ ମନୋନୀତ କରାଯାଇଛି । ଯାଜପୁର ବ୍ଲକ୍ ସିମିଳିଆ ପଞ୍ଚାୟତର ସେ ଜଣେ ଉଦୀୟମାନ ଛାତ୍ର ସଙ୍ଗଠକ ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି । ରାଜ୍ୟ ଛାତ୍ର କଂଗ୍ରେସର ସଭାପତି ଓ୍ୱାସିର ନଓ୍ୱାଜ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ ଏବଂ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅନନ୍ତ ଦାସଙ୍କୁ ତାଙ୍କର ଏହି ନୂତନ ନିଯୁକ୍ତି ନିମନ୍ତେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଜିଲ୍ଲା ଛାତ୍ର କଂଗ୍ରେସ ସମ୍ପାଦକ ଭାବରେ ତାଙ୍କର ଯୋଗଦାନ ନିମନ୍ତେ ତାଙ୍କୁ କଂଗ୍ରେସ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ଅଶାନ୍ତ ବିଶ୍ୱକୁ ଶାନ୍ତିର ମାର୍ଗ ଦେଖାଇପାରିବ ସ୍ୱାମୀ ବିବେକାନନ୍ଦଙ୍କ ବିଚାର





ଆଜି ବିଶ୍ୱ ଅଶାନ୍ତ ହୋଇ ଉଠିଥିବା ବେଳେ ସ୍ୱାମୀ ବିବେକାନନ୍ଦଙ୍କ ବିଚାର ସମଗ୍ର ବିଶ୍ୱକୁ ଶାନ୍ତିର ମାର୍ଗ ଦେଖାଇପାରିବ । ସ୍ୱାମୀ ବିବେକାନନ୍ଦ ବେଦାନ୍ତର ବ୍ୟାଖ୍ୟା କରିଥିଲେ । ବେଦାନ୍ତ ବିଶ୍ୱ ବନ୍ଧୁତ୍ୱ ଓ ବିଶ୍ୱ ଭାତୃତ୍ୱର ବାର୍ତା ପ୍ରଦାନ କରେ । ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଦେଶମାନଙ୍କରେ ସ୍ମରଣୀୟ ପ୍ରଚାର କାର୍ଯ୍ୟ ପରେ କଲମ୍ବୋଠାରେ ପହଂଚିଥିଲେ । ସେଠାକାର ହିନ୍ଦୁ ସମାଜ ଦ୍ୱାରା ତାଙ୍କର ସମ୍ମାନରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଉଦ୍‌ବୋଧନ ଦେଇ ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ–ଭାରତ ହିଁ ଏକମାତ୍ର ଦେଶ ଯେଉଁଠାରେ ଲୋକମାନେ ନିଜ ନିଜ ମଧ୍ୟରେ ନିଜ ନିଜର ଛୋଟ ଛୋଟ ଦେବତାମାନଙ୍କ ପାଇଁ ଏହା କହି କେବେହେଲେ ଲଢେଇ କରି ନାହାନ୍ତି ଯେ ମୋର ଈଶ୍ୱର ସତ ଓ ତୁମ ଈଶ୍ୱର ମିଥ୍ୟା, ଆସ ଲଢେଇ କରି ଏହାର ନିଷ୍ପତି କରି ନେବା । ଛୋଟ ଛୋଟ ଦେବତାଙ୍କୁ ନେଇ ଲଢ଼ି ନିଷ୍ପତି ନେବାର କଥା କେବଳ ଏଠାକାର ଲୋକଙ୍କ ମୁହଁରେ ଶୁଣାଯାଏ ନାହିଁ । ସେହି ଭାଷଣରେ ସ୍ୱାମୀ ବିବେକାନନ୍ଦ ପୁଣି କହିଲେ ଯେ ଭାରତରେ ଏକ ବାଣୀ ଉଠିଲା ଯିଏ ଉଦଘୋଷ କଲା ଏକଂ ସଦବିପ୍ରା ବହୁଧା ବଦନ୍ତି (ଋଗବେଦ) ଅର୍ଥାତ ସତ୍ୟ ଏକ, ବିଦ୍ୱାନ ମାନେ ତାର ଅଲଗା ଅଲଗା ବ୍ୟାଖ୍ୟା କରନ୍ତି । ସେ କହିଲେ ଯେ ଶିବ, ବିଷ୍ଣୁଙ୍କ ଅପେକ୍ଷା ଶ୍ରେଷ୍ଠ ନୁହନ୍ତି – ଅଥବା ବିଷ୍ଣୁ ହିଁ ସବୁ କିଛି , ଶିବ କିଛି ନୁହନ୍ତି ଏପରି ମଧ୍ୟ ନୁହେଁ । ଏକମାତ୍ର ସତାକୁ କେହି ଶିବ, କେହି ବିଷ୍ଣୁ ବା କେହି ଅନ୍ୟ କେଉଁ ନାମରେ ଡାକିଥାନ୍ତି । ନାମ ଅଲଗା ଅଲଗା ହୋଇପାରେ, ମାତ୍ର ସେ ହେଉଛନ୍ତି ଏକ । ଏହିପରି କିଛି କଥାରୁ ଭାରତର ଇତିହାସ ସମ୍ପର୍କରେ ଜଣାଯାଇପାରେ । ସମଗ୍ର ଭାରତର ଇତିହାସ ଜବରଦସ୍ତ ଶକ୍ତି ସହିତ ଓଜସ୍ୱୀ ଭାଷାରେ ସେହି ମୂଳ ସିଦ୍ଧାନ୍ତର ପୁନଃ ଉକ୍ତି ମାତ୍ର ଅଟେ । ସ୍ୱାମୀ ବିବେକାନନ୍ଦ କହନ୍ତି ଯେ ଏହି ସିଦ୍ଧାନ୍ତ ଦେଶରେ ଏତେଥର ଦୋହରାଯାଇଛି ଯେ ଏହା ଆମ ଜାତିର ରକ୍ତରେ ମିଶି ଏକ ହୋଇ ଯାଇଛି ଓ ଆମ ଧମନୀରେ ପ୍ରବାହିତ ରକ୍ତକଣିକାରେ ମିଶି ଏକାକାର ହୋଇସାରିଛି । ଏହି କାରଣରୁ ଭାରତରେ ଆମେ ସମସ୍ତ ଧର୍ମ ଓ ସମ୍ପ୍ରଦାୟକୁ ସାଦର ସ୍ଥାନ ଦେଇଥାଉ । ସ୍ୱାମୀ ବିବେକାନନ୍ଦ କହନ୍ତି ଯେ କେବଳ ଭାରତରେ ହିଁ ଆମେ ଭାରତବାସୀ ମୁସଲମାନ ମାନଙ୍କ ପାଇଁ ମସଜିଦ ଏବଂ ଖ୍ରିଷ୍ଟିଆନମାନଙ୍କ ପାଇଁ ଗିର୍ଜାଘର ତିଆରି କରିଦେଇଥାଉ । ଏପରି ଆଉ କେଉଁଠି ଦେଖିବାକୁ ମିଳିବ ନାହିଁ । ଯଦି ତୁମେ କୌଣସି ଅନ୍ୟ ଦେଶରେ ଯାଇ ମୁସଲମାନ ମାନଙ୍କୁ କିମ୍ବା ଅନ୍ୟ କାହାକୁ ନିଜ ପାଇଁ ମନ୍ଦିର ନିର୍ମାଣ ପାଇଁ ଅନୁରୋଧ କରିବ ତେବେ ତୁମେ ଦେଖିବ ତୁମକୁ କି ପ୍ରକାର ସହାୟତା ମିଳୁଛି । ସହାୟତାର ପ୍ରଶ୍ନ ତ' ଦୂରର କଥା, ସେମାନେ ତୁମର ମନ୍ଦିରକୁ ଆଉ ଯଦି ସମ୍ଭବ ହୁଏ ତେବେ ତୁମକୁ ମଧ୍ୟ ନଷ୍ଟ କରିବାକୁ ଚେଷ୍ଟା କରିବେ । ସ୍ୱାମୀ ବିବେକାନନ୍ଦ ଆଗକୁ କହନ୍ତି ଯେ ସମଗ୍ର ବିଶ୍ୱକୁ ଭାରତର ଏହି ମହାନ ଶିକ୍ଷାକୁ ଗ୍ରହଣ କରିବାର ଆବଶ୍ୟକତା ରହିଛି । ସମଗ୍ର ବିଶ୍ୱକୁ ଭାରତବର୍ଷଠାରୁ ଅନ୍ୟ ଧର୍ମ ପ୍ରତି କେବଳ ସହିଷ୍ଣୁତାର ନୁହେଁ ବରଂ ଅନ୍ୟ ଧର୍ମ ପ୍ରତି ସହାନୁଭୂତି ରଖିବାର ମଧ୍ୟ ଶିକ୍ଷା ଗ୍ରହଣ କରିବା ଉଚିତ । ଏହାକୁ ମହିମ୍ନ ସ୍ତୋତ୍ରରେ ଠିକ ଭାବେ ବର୍ଣ୍ଣନା କରାଯାଇଛି । ଏଥିରେ କୁହାଯାଇଛି ଯେ ହେ ଶିବ, ଯେଉଁ ପ୍ରକାରରେ ବିଭିନ୍ନ ନଦୀର ବିଭିନ୍ନ ପର୍ବତରୁ ବାହାରି ସରଳ ତଥା ବକ୍ର ଗତିରେ ପ୍ରବାହିତ ହୋଇ ଶେଷରେ ସମୁଦ୍ରରେ ହିଁ ମିଶିଥା'ନ୍ତି, ସେହିପ୍ରକାର ନିଜର ବିଭିନ୍ନ ପ୍ରବୃତି କାରଣରୁ ଯେଉଁ ବିଭିନ୍ନ ମାର୍ଗ ଲୋକମାନେ ଗ୍ରହଣ କରିଥାନ୍ତି, ସରଳ ବା ବକ୍ର ମାର୍ଗରେ ଅଲଗା ଅଲଗା ଭଳି ଜଣାପଡିଲେ ସୁଦ୍ଧା ଶେଷରେ ସମସ୍ତେ ତୁମ ନିକଟକୁ ପହଂଚିଥାନ୍ତି । ସେ କହନ୍ତି ଯେ ଯଦିଓ ଲୋକମାନେ ଭିନ୍ନ ଭିନ୍ନ ମାର୍ଗରେ ଚାଲିଥାନ୍ତି, ତଥାପି ସମସ୍ତେ ଗୋଟିଏ ସ୍ଥାନ ଆଡକୁ ଯାଉଥାନ୍ତି । କିଏ ଟିକେ ବୁଲି କିଏ ଅଙ୍କା-ବଙ୍କା ରାସ୍ତାରେ ଗତି କରିଥାଏ, ତେବେ ଶେଷରେ ସମସ୍ତେ ପ୍ରଭୁଙ୍କ ନିକଟରେ ହିଁ ପହଂଚିଥାନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଆଜିର ଏହି ଅଶାନ୍ତ ବିଶ୍ୱ ପାଇଁ ସର୍ବାଧିକ ପ୍ରାସଙ୍ଗିକ । ଆଜି ଯେତେବେଳେ ବିଶ୍ୱରେ ସେମେଟିକ ରିଲିଜନମାନେ ସେମାନଙ୍କ ମତକୁ ଶ୍ରେଷ୍ଠ ଭାବେ ପ୍ରତିପାଦିତ କରିବା ସହ ହିଂସା ଆଦିର ସାହାରା ନେଉଛନ୍ତି ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଅତ୍ୟଧିକ ପ୍ରାସଙ୍ଗିକ । ଏହି ବିଚାର ସ୍ୱାମୀ ବିବେକାନନ୍ଦଙ୍କ ବିଚାର ନୁହେଁ ଏହା ହେଉଛି ଭାରତର ସନାତନ ବିଚାର । ଭାରତର ସନାତନ ବିଚାର ନିକଟରେ ହିଁ ହିଁ ଅଶାନ୍ତ ବିଶ୍ୱକୁ ଶାନ୍ତ କରିବାର ମାର୍ଗ ରହିଛି ।

ସୌଜନ୍ୟ: **ସମନ୍ୱୟ ନନ୍ଦ**

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରାସ୍ତାରେ ଆଣ୍ଠୁଏ ପାଣି



କେନ୍ଦ୍ରାପଡ଼ା (ପିଏନ୍): ଲଗାଣ ବର୍ଷା ଛାଡିବା ପ୍ରାୟ ୨୦ଦିନ ବିତିଗଲାଣି। କିନ୍ତୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସଂଯୋଗ ରାସ୍ତାରୁ ପାଣି ନିଷ୍କାସନ ହୋଇପାରୁନଥିବାରୁ ସେହି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଛିଡାହୋଇଛି। ଫଳରେ ସେହି ରାସ୍ତାଦେଇ ଲୋକମାନେ ଯାତାୟତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟ ପାଚେରୀ ନିକଟରୁ ଶ୍ରମ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ସେହି ରାସ୍ତାରେ ଏବେବି ବର୍ଷାଜଳ ଜମିରହିଥିବା ଦେଖାଯାଉଛି। ସେଠାରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମେତ ଚକବନ୍ଦୀ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ଉଭୟ କାର୍ଯ୍ୟାଳୟକୁ ଯିବା ନିମନ୍ତେ ଏହା ଏକମାତ୍ର ରାସ୍ତା ହୋଇଥିବାରୁ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଲୋକ ସେହି ଦୁଇ କାର୍ଯ୍ୟାଳୟକୁ ଯିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଆଇନ କଲେଜ ରାସ୍ତା ଓ ଶ୍ରମ କାର୍ଯ୍ୟାଳୟ ରାସ୍ତା ଦେଇ ଦୈନିକ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ କଲେଜ ଏବଂ କାର୍ଯ୍ୟାଳୟକୁ ଯାଆ ଆସ କରିବାରେ ଗୁରୁତର ବାଧା ଉପୁଜିଛି। ଏତଦବ୍ୟତିତ ସେହି ଅଞ୍ଚଳରେ ବିଦ୍ୟାଳୟ, ଆଇନ୍ ମହାବିଦ୍ୟାଳୟ, ଶ୍ରମ କାର୍ଯ୍ୟାଳୟ, ଚକବନ୍ଦୀ କାର୍ଯ୍ୟାଳୟ ସମେତ ୩୦ରୁ ଅଧିକ ବାସଗୃହ ଥିବାରୁ ବହୁ ଶିକ୍ଷିତ ଓ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ସେ ଅଞ୍ଚଳରେ ବସବାସ କରୁଛନ୍ତି। ହେଲେ ଏବେ ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇ ପଡିଛି। କାରଣ ରାସ୍ତା ଭଲ ଭାବେ ନିର୍ମାଣ ହୋଇ ନାହିଁ। ତେଣୁ ବର୍ଷା ହେଲେ ରାସ୍ତାରେ ଯିବା ଆସିବା କରିବା କଷ୍ଟକର ହୋଇ ପଡେ। ଏ ନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହେଉ ନ ଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିକଟରେ ଓଏଏସ୍ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଡ଼ଃ. ବିରଜା ରାଉତରାୟଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସେଠାରେ ଥିବା ଚକବନ୍ଦୀ କାର୍ଯ୍ୟାଳୟକୁ ଚକବନ୍ଦୀ ଅଧିକାରୀ ଭାବେ ବଦଳି କରାଯାଇଛି। ଏହି କାର୍ଯ୍ୟାଳୟଟି ଶ୍ରମ କାର୍ଯ୍ୟାଳୟ ଉପର ମହଲାରେ ରହିଛି। ସେ ଜଣେ ଶାରିରୀକ ଭିନ୍ନକ୍ଷମ ବ୍ୟକ୍ତି । ସେ ଚାଲି ପାରନ୍ତି ନାହିଁ। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ହେଲେ ହୁଇଲ ଚେୟାରର ସହଯୋଗ ନେଇଥାନ୍ତି। ତେଣୁ ଏଭଳି ପରିସ୍ଥିତିରେ ଶ୍ରୀ ରାଉତରାୟ କାର୍ଯ୍ୟାଳୟକୁ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବିଶିଷ୍ଟ ସାହିତ୍ୟିକ ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ଡଃ. ରାମଚନ୍ଦ୍ର ବେହେରା ମଧ୍ୟ ସେହି ଗଳିରେ ରହୁଛନ୍ତି। ଜଣେ ସାରସ୍ୱତ ସ୍ରଷ୍ଟାଙ୍କ ପ୍ରତି ଜିଲ୍ଲା ପ୍ରଶାସନର ଏ ହେଉଛି ସମ୍ମାନ। ଥରେ ବର୍ଷା ହେଲେ ସେହି ରାସ୍ତାରେ ମାସାଧିକ କାଳ ପାଣି ଜମି ରହିଥାଏ। ତେଣୁ ସେହି ରାସ୍ତାରୁ ପାଣି ନିଷ୍କାସନ ସହିତ ତୁରନ୍ତ ଢଳେଇ ରାସ୍ତା ନିର୍ମାଣ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କର ଜୟନ୍ତୀ ପାଳିତ



ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ତରଫରୁ ଗାନ୍ଧୀଛକଠାରେ ସକାଳ ୮ ଘଟିକା ସମୟରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ରାମଧୁନ୍ ଗାନ କରାଯାଇଥିଲା । ଗାନ୍ଧୀଜୀଙ୍କର ଅହିଂସା ନୀତି, ଆଦର୍ଶ ଓ ମାର୍ଗଦର୍ଶନ ଭାରତର ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ଅସ୍ତ୍ର ଥିଲା । ଶାନ୍ତି, ମୈତ୍ରୀ ଓ ଅହିଂସାର ଦେଶ ବୋଲି ଭାରତବର୍ଷ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଛି । ସେହିପରି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଲାଲବାହାଦୂର ଶାସ୍ତ୍ରୀ ଭାରତବର୍ଷର କୃଷକମାନଙ୍କୁ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ଜୟ କିଷାନ ଏବଂ ବହିଃଶତ୍ରୁ ଆକ୍ରମଣରୁ ଦେଶକୁ ରକ୍ଷା କରିବାପାଇଁ 'ଜୟ ଯବାନ' ଆହ୍ୱାନ 'ଜୟ ଯବାନ', 'ଜୟ କିଷାନ' ଆଜିପର୍ଯ୍ୟନ୍ତ ସମଗ୍ର ଭାରତବର୍ଷର ସ୍ୱାଭିମାନକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରାଇ ପାରିଛି ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋରେ ମାଲ୍ୟାର୍ପଣ ଓ ଧୂପ ପ୍ରଦାନ କରାଯାଇଥିଲା । ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ରାଜ୍ୟ ଆଇନ ସେଲ ଉପସଭାପତି ରାଜୀବ ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ରାଜ୍ୟ ଓବିସି ସେଲ ଉପସଭାପତି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ପୂର୍ବତନ ପିସିସ ସମ୍ପାଦକ ଭାସ୍କର ମହାନ୍ତି, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ମହାପାତ୍ର, ସାଧାରଣ ସମ୍ପାଦକ ହୃଷିକେଶ ପତି, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା କର, ନଗର କଗ୍ରେସ ସଭାପତି ନାରାୟଣ ସାମନ୍ତ, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଅବଦୁଲ ସଲିମ ଖାଁ, ମାନସ ରଞ୍ଜନ ପଣ୍ଡା, ମିଡ଼ିଆ ସେଲର ଆଦିତ୍ୟ ମହାନ୍ତି, କପିଳେଶ୍ୱର ଦଳାଇ, ପୂର୍ଣ୍ଣଚନ୍ଦ୍ର ଜେନା, ନିକୁଞ୍ଜ ସାମଲ, ଗୋବିନ୍ଦ ଚନ୍ଦ୍ର ସାହୁ, ରଘୁନାଥ ସାହୁ, ଅନୀଲ କୁମାର ମହାନ୍ତି, ରଘୁନାଥ ସାହୁ, ବିଦ୍ୟାଧର ବାରିକ, କନକଲତା ରାଉତ, ସେକ୍ ଆଜାଦ ଅଲ୍ଲୀ, ଅଜିଜୁଲ୍ଲା ଖାନ୍, ଜେ.ଏ. ଖାନ୍, ଅନିରୁଦ୍ଧ ରାଉତ, ସନ୍ତୋଷ ରାଉତ, ସଞ୍ଜୀବ ଦାଶ, ଅଶୋକ ଘୋଷ, ରାଜୁ ବେହେରା, କମଳାକାନ୍ତ ବେହେରା, ପରିମଳ ବିଶ୍ୱାଳ, ବାସୁଦେବ ଜେନା, ଏସ୍.କେ. ଆକବର, ଦିଲ୍ଲୀପ ପତି, ଅରଜିତ ନାୟକ ଓ ବିଜୟ ମହାପାତ୍ର ପ୍ରମୁଖ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ । ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଂଗ୍ରାମ ସାହାଣୀ ଧନ୍ୟବାଦ ଦେଇଥିଲେ ।

## କେନ୍ଦ୍ରାପଡାରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିର୍ଜା ବାବାର ବେଗ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହେଲେ ମୃତ୍ୟୁ ସୁନିଶ୍ଚିନ୍ତ ବୋଲି ମତବ୍ୟକ୍ତ କରିଥିଲେ । ଏହା କୁକୁର, ବିରାଡି ଆଦି ଗୃହ ପାଳିତ ପଶୁ ଓ ବିଲୁଆ, ନେଉଳ, ବାଦୁଡି ଆଦି ଜଙ୍ଗଲି ପ୍ରାଣୀଙ୍କୁ ମୁଖ୍ୟତଃ ସଂକ୍ରମଣ କରୁଥିବା ଏକ ଭୂତାଣୁ ଜନିତ ରୋଗ । ସଂକ୍ରମିତ ପ୍ରାଣୀ ମନୁଷ୍ୟକୁ କାମୁଡିଲେ କିମ୍ବା ମନୁଷ୍ୟ ସେମାନଙ୍କର ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଆକ୍ରାନ୍ତ ପ୍ରାଣୀ ମନୁଷ୍ୟକୁ କାମୁଡିଲେ କ୍ଷତସ୍ଥାନରୁ ପ୍ରବାହୀ ଜଳରେ ଧୋଇ ଜଳାତଙ୍କ ଟୀକା ପ୍ରଦାନ କରିବା ସହ ସୁରକ୍ଷିତ ଚିକିତ୍ସା ପ୍ରଦାନ ନିମନ୍ତେ ମୁଖ୍ୟ ଚିକିତ୍ସାଳୟ କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରେରଣ କରିବା ନିମନ୍ତେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ନିଶ୍ଚେତକ ବିଶେଷଜ୍ଞ ଡା. ନୃପେନ ଶତପଥୀ ମତବ୍ୟକ୍ତ କରିଥିଲେ । ଜଳାତଙ୍କ ଟୀକା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଉପଲବ୍ଧ ହୋଇଥାଏ । ଏହି ରୋଗରେ ଆକ୍ରାନ୍ତ ହେବା ପୂର୍ବରୁ ସମୟୋଚିତ ପଦକ୍ଷେପ ଓ ଟୀକା ପ୍ରଦାନ କରି ରୋଗୀକୁ ଆଶୁ ଆରୋଗ୍ୟ ପ୍ରଦାନ କରାଯାଇପାରେ ବୋଲି ଆଶାକର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଜନସଚେତନତା ସୃଷ୍ଟି କରିବା ପାଇଁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ ଡା. ମିଶ୍ର । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶାନ୍ତିଲତା ଚାନ୍ଦ ପ୍ରଥମେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଶିଶୁ ସ୍ୱାସ୍ଥ୍ୟ ଉପ ପରିଚାଳକ କୃଷ୍ଣଚନ୍ଦ୍ର ଲୋହା, ନିଶ୍ଚେତକ ବିଶେଷଜ୍ଞ ଡା. ନୃପେନ ଶତପଥୀ, ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡା. ଅଶୋକ କୁମାର କର, ନର୍ସିଂ କଲେଜ ଅଧ୍ୟକ୍ଷା ଭାରତୀ ସ୍ୱାଇଁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଅଧିକାରୀ, ଷ୍ଟାଫନର୍ସ, ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ନର୍ସିଂ କଲେଜର ଛାତ୍ରୀମାନେ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଚ୍ଛତା ରଥ ପରିକ୍ରମା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛଭାରତ ମିଶନରେ "ଆଜାଦି କା ଅମୃତ ମହୋତ୍ସବ" ପାଳନ ପରିପ୍ରେକ୍ଷୀରେ ସ୍ୱଚ୍ଛତା ରଥ ଅଭିଯାନ ଜିଲ୍ଲା କାର୍ଯ୍ୟାଳୟରୁ ଗତ ବୁଧବାର ଶୁଭାରମ୍ଭ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୭୫ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଜିଲ୍ଲାର ସମସ୍ତ ୯ଟି ବ୍ଲକରେ ସତ୍ୟାଗ୍ରହରୁ ସ୍ୱଚ୍ଛାଗ୍ରହ ରଥଯାତ୍ରା ପାଳନ କରାଯାଉଛି । ଏହି ସ୍ୱଚ୍ଛତା ରଥ ପରିକ୍ରମା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗାପ୍ରସାଦ ମହାରଣା,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ମନ୍ଦର ଧର ମାହାଳିକ ପ୍ରମୁଖ ଉଦଘାଟନ କରିଥିଲେ । ପରିମଳ ବିଭାଗର ପରାମର୍ଶ ଦାତା ଇତିଶ୍ରୀ ରାଉତ ଓ ରାଜୀବ ଲୋଚନ ବାଗ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଲୋକମାନଙ୍କୁ କାର୍ଯ୍ୟକ୍ରମ ସଂପର୍କରେ ବୁଝାଇଥିଲେ । ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସ୍ୱଚ୍ଛ ପରିବେଶ, ପ୍ରତିଘରେ ପାଇଖାନା ନିର୍ମାଣ ଓ ତାହାର ବ୍ୟବହାର କରିବା ସହିତ କଠିନ ଓ ତରଳ ବର୍ଜ୍ୟବସ୍ତୁର ସଠିକ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ରଥର ଉଦେଶ୍ୟ । ଏହା ବ୍ୟତୀତ ଘରର ଅଳିଆ ଏଣେତେଣେ ନପକାଇବା, ହ୍ୟାଣ୍ଡପମ୍ପ, ନଳକୂପ ଓ ଷ୍ଟାଣ୍ଡପୋଷ୍ଟ ଆଦି ଜଳଉତ୍ସକୁ ସଠିକ ନିୟନ୍ତ୍ରଣ, ସଫାକରିବା ଓ ବର୍ଜ୍ୟବସ୍ତୁର ସଠିକ ପରିଚାଳନା ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ ।


# DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS/ASTROLOGERS/VASTU EXPERTS ?

Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**

MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**

MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭୁବନେଶ୍ୱରରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ପ୍ରଥମ ପତଳି ମେଗାଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର,(ପି.ଏନ): ମହିଳାମାନଙ୍କ ଦ୍ୱାରା ପରିଚାଳିତ ଭାରତର ପ୍ରଥମ 'ପତଳି'ମେଗାଷ୍ଟୋର ଆଜି ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟବିହାରଠାରେ ଉଦ୍‌ଘାଟିତ ହୋଇଯାଇଛି । ସୁପ୍ରସିଦ୍ଧ ସ୍ଥପତି ଶିଳ୍ପୀଗୁରୁ ତଥା ପଦ୍ମ ବିଭୂଷଣ ଶ୍ରୀ ସୁଦର୍ଶନ ସାହୁଙ୍କ କରକମଳରେ ପୂର୍ବ ନିର୍ଦ୍ଧାରିତ ଶୁଭ ମୁହୂର୍ତ୍ତରେ ଏହା ଉଦ୍‌ଘାଟିତ ହୋଇଛି । ଚଳିତ ଶତାବ୍ଦୀ ମହିଳା ସଶକ୍ତିକରଣ ବର୍ଷ ଭାବେ ପାଳନ କରାଯାଉଥିବା ବେଳେ ଏହି ଷ୍ଟୋରଟି ମହିଳାମାନଙ୍କୁ ସମର୍ପିତ କରାଯାଇଛି । ସମଗ୍ର ଦେଶରେ ୫୦୦ରୁ ଉର୍ଦ୍ଧ୍ୱ ନ୍ତପତଳି ମେଗାଷ୍ଟୋରନ୍ତ ରହିଥିବା ବେଳେ ଏହି ପତଳି ମେଗାଷ୍ଟୋରଟି ପ୍ରଥମ ନ୍ତମହିଳା ପତଳିନ୍ତ ମେଗାଷ୍ଟୋର ଅଟେ । ଏହାର ସତ୍ୱାଧିକାରୀ ମଧ ଜଣେ ମହିଳା ରହିଥିବା ବେଳେ ଷ୍ଟୋରର ସମସ୍ତ କର୍ମଚାରୀ ମହିଳା ଏବଂ ଏଠାରେ ବୈଦ୍ୟ ଓ ଯୋଗ ପ୍ରଶିକ୍ଷକ ମଧ ମହିଳା ଅଟନ୍ତି । ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳୀ ଆଚାର୍ଯ୍ୟବିହାରସ୍ଥିତ ଏହି ମେଗାଷ୍ଟୋରରେ ପତଳି ଦ୍ୱାରା ପ୍ରସ୍ତୁତ ସମସ୍ତ ପ୍ରକାର ସାମଗ୍ରୀ ଉପଲବ୍ଧ ହେବ । ଷ୍ଟୋର ପକ୍ଷରୁ ଉଦ୍‌ଘାଟନୀ ଅଫରରେ ଗ୍ରାହକମାନଙ୍କ ପାଇଁ ବିଶେଷ ରିହାତି ରହିଛି । ୧୫ଶହ ଟଙ୍କା ମୂଲ୍ୟର କ୍ରୟ ସାମଗ୍ରୀ ଉପରେ ୩ପ୍ରତିଶତ ଏବଂ ୩ହଜାର ଟଙ୍କା କ୍ରୟ ସାମଗ୍ରୀ ଉପରେ ୫ପ୍ରତିଶତର ବିଶେଷ ରିହାତି ପ୍ରଦାନ କରାଯାଉଛି । ଏଥିସହ ମହିଳା ଗ୍ରାହକମାନେ ୧୫ଶହ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଉତ୍ପାଦ କ୍ରୟ ଉପରେ ନ୍ତପତଳୀ ସ୍ୱଦେଶୀ ସମୃଦ୍ଧି କାର୍ଡନ୍ତ ମାଗଣାରେ ପାଇପାରିବେ । ଏହି କାର୍ଡଧାରୀ ମହିଳାଙ୍କ ପରିବାରକୁ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତାର ବ୍ୟବସ୍ଥା ରହିଛି । ଏତଦ୍ ବ୍ୟତୀତ ସାପ୍ତାହିକ ଲକି ଡ୍ର ମାଧ୍ୟମରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବା ସହ ଷ୍ଟୋର ପକ୍ଷରୁ ହୋମ୍ ଡେଲିଭରୀର ସୁବିଧା ସମେତ ଷ୍ଟୋର ଠାରୁ ୩ କିଲୋମିଟର ପରିଧି ମଧ୍ୟରେ ମାଗଣା ହୋମ୍ ଡେଲିଭରୀର ସୁବିଧା ଉପଲବ୍ଧ କରାଯାଇଅଛି । ଏହି ମେଗାଷ୍ଟୋରରେ ସମଗ୍ର ବିକ୍ରୟ ସାମଗ୍ରୀ ସମେତ ମାଗଣା ଯୋଗାଭ୍ୟାସ ପ୍ରଶିକ୍ଷଣର ସୁବିଧା ମଧ ଉପଲବ୍ଧ । ଯୋଗାଭ୍ୟାସ ପାଇଁ ଏଠାରେ ଏକ ସ୍ୱତନ୍ତ୍ର ଲନ୍ ରହିଛି , ଯେଉଁଠାରେ ମହିଳା ଯୋଗ ପ୍ରଶିକ୍ଷିକାଙ୍କ ଦ୍ୱାରା ମହିଳାମାନଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯିବ । ଏଠାରେ ମହିଳା ଆୟୁର୍ବେଦିକ ଡାକ୍ତର(ବୈଦ୍ୟ)ଙ୍କ ଦ୍ୱାରା ମାଗଣା ଚିକିତ୍ସା ପରାମର୍ଶ ମଧ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ମେଗାଷ୍ଟୋରରେ ଉଦ୍‌ଘାଟନୀ ଅବସରରେ ସତ୍ୱାଧିକାରୀ ଶ୍ରୀମତୀ ପ୍ରମୋଦିନୀ ଦାସ କହିଛନ୍ତି ଯେ, ଭାରତୀୟତା, ଆୟୁର୍ବେଦ ଏବଂ ଯୋଗ ଆମର ମୂଳଭିତି ହୋଇଥିବା ବେଳେ ସମଗ୍ର ଦେଶରେ ଏକ ସୁସ୍ଥ ସମାଜ ଗଠନ ଦିଗରେ ଆମେ ପ୍ରତିଶୃତିବଦ୍ଧ । ଏଥିସହ ଭାରତର ମୌଳିକ ଆଧାର, ଗର୍ବ ଓ ଗୌରବକୁ ଅଧିକ ସମୃଦ୍ଧ କରିବା ପାଇଁ ଆମେ ଏକ ସୁସ୍ଥ ଜୀବନଶୈଳୀ ପ୍ରଦାନ କରିବା ଉଦ୍ଦେଶ୍ୟକୁ ଅନୁସରଣ କରୁ ବୋଲି ସେ କହିଥିଲେ । ଏହି ପତଳି ମେଗାଷ୍ଟୋର ଏମିତି ଏକ ପ୍ଲାଟଫର୍ମ ଯେଉଁଠାରେ ବୈଜ୍ଞାନିକ ଉପାୟ ମାଧ୍ୟମରେ ଏବଂ ସ୍ୱଦେଶୀ ଔଷଧ ଦ୍ୱାରା ଆୟୁର୍ବେଦ ଚିକିତ୍ସା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।

## ଧର୍ମେନ୍ଦ୍ରଙ୍କ ଟୁଇଟ୍ କୁ ପ୍ରଣବଙ୍କ ଜବାବ : ଅହିଂସାରେ ବିଶ୍ୱାସ କରେ ବିଜେଡି

ଭୁବନେଶ୍ୱର, (ପି.ଏନ): ବିଜେଡି ସବୁବେଳେ ଅହିଂସାରେ ବିଶ୍ୱାସ କରେ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ଦ୍ୱାରା ହିଁ ଗଣତନ୍ତ୍ରକୁ ସୁଦୃଢ଼ କରାଯାଇ ପାରିବ ବୋଲି କହିଛନ୍ତି ବିଜେଡି ବିଧାୟକ ତଥା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ନିର୍ବାଚନୀ ହିଂସାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଟୁଇଟ ର ଜବାବ ଦେଇ ଶ୍ରୀ ଦାସ କହିଛନ୍ତି ଯେ ଦୁଃଖର କଥା ହେଉଛି ଓଡିଶାର ପ୍ରମୁଖ ବିରୋଧୀ ଦଳ ବିଜେପି, ଚଳିତ ପଂଚାୟତ ନିର୍ବାଚନରେ ହାରିବା ଭୟରେ ନିର୍ବାଚନୀ ହିଂସା କରୁଛି । ବିଜେପି ବିଧାୟକ ଜୟନାରାୟଣ ମିଶ୍ର ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି । ବିଜେପି ନେତା ଓ କର୍ମୀମାନେ ଗଜପତି ଓ ପିପିଲିରେ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଛନ୍ତି । କୋରାପୁଟ, ସାଲେପୁର, ବ୍ରହ୍ମଗିରି, କଣାସ, ଢେଙ୍କାନାଳ ଏବଂ ଆହୁରି ଅନେକ ଜିଲ୍ଲାମାନଙ୍କରେ ବିଜେପି ନିର୍ବାଚନୀ ହିଂସା କରିଛି ।

## ପ୍ରିଜାଇଡିଂ ଅଫିସରମାନେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ କରାଉଛନ୍ତି: ବିଜେପି

ଭୁବନେଶ୍ୱର, (ପି.ଏନ): ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭରୁ ଶାସକ ଦଳର ଗୁଣ୍ଡାଗର୍ଦ୍ଦି ଜରିଆରେ ଭୋଟ ହାତେଇବାର ହୀନ ଉଦ୍ଦେଶ୍ୟ ସାମ୍ନାକୁ ଆସିଛି । ଶାସକ ଦଳର ପ୍ରତ୍ୟକ୍ଷ ପ୍ରରୋଚନାରେ ପ୍ରିଜାଇଡିଂ ଅଫିସରମାନେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କ ସପକ୍ଷରେ କାର୍ଯ୍ୟ କରୁଛନ୍ତି ଏବଂ ଜୋରଜବରଦସ୍ତ ଭୋଟ କରାଉଛନ୍ତି । ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅନ୍ତର୍ଗତ ବେଲପଡା ଜୋନ-୧୪ର ବାଗଡୋର ପଂଚାୟତର ଏକ ବୁଥର ପ୍ରିଜାଇଡିଙ୍ଗ ଅଫିସର ଏସ.ମହାଲିଙ୍ଗ ଖୋଲାଖୋଲି ଭାବେ ବିଜେଡି ସପକ୍ଷରେ ଭୋଟ ଦେବା ଭୋଟରମାନଙ୍କୁ ପ୍ରବର୍ତାଉଛନ୍ତି । ଏହା ସଂପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ଓ ଦଣ୍ଡନୀୟ । ତେଣୁ ସେହି ପ୍ରିଜାଇଡିଂ ଅଫିସରଙ୍କୁ ତୁରନ୍ତ ଚାକିରୀରୁ ବହିଷ୍କାର କରାଯାଇ ଅନ୍ୟ ଜଣଙ୍କୁ ଦାୟୀତ୍ୱ ପ୍ରଦାନ କରାଯିବାକୁ ବିଜେପି ପକ୍ଷରୁ ଦାବୀ କରାଯାଇଛି ବୋଲି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ କହିଛନ୍ତି ।ଗଜପତି ଜିଲ୍ଲାରେ ବିଜେଡିର ବାହୁବଳୀ ନେତା ତିରୁପତି ପାଣିଗ୍ରାହୀ ଶାସକ ବିଜେଡି ସପକ୍ଷରେ ବୁଥ୍ ଅକ୍ତିଆର କରିଲେ, ପ୍ରତ୍ୟେକ ବୁଥ୍ ପିଛା ୨୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି । ଏହାର ଭିଡିଓ ବର୍ତମାନ ଭାଇରାଲ ହୋଇସାରିଛି । ଏହା ଖୋଲାଖୋଲି ଭାବେ ଗଣତନ୍ତ୍ରର ହତ୍ୟା ଏବଂ ଦଣ୍ଡନୀୟ ଅପରାଧ । ନିର୍ବାଚନ କମିଶନ ତୁରନ୍ତ ବିହୀତ ପଦକ୍ଷେପ ନେଇ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ରାୟ ଦାବୀ କରିଛନ୍ତି ।୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କାର୍ଯ୍ୟ ସରିଛି ଏବଂ ସମସ୍ତ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ଭୋଟ ଗଣତି ଆସନ୍ତା ୨୮ତାରିଖରେ ହେବ । ପର୍ଯାୟ କ୍ରମେ ଭୋଟିଂ ସମାପ୍ତ ହେବା ପରେ ସମସ୍ତ ଭୋଟ ବାକ୍ସକୁ ସ୍ୱତନ୍ତ୍ର ଷ୍ଟ୍ରଙ୍ଗ ରୁମରେ ରଖାଯିବାର ବ୍ୟବସ୍ଥା କରାଯାଇଛି । ଲମ୍ବା ସମୟ ଧରି ଷ୍ଟ୍ରଙ୍ଗ ରୁମରେ ରହିବାକୁ ଥିବା ଭୋଟ ବାକ୍ସର ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ନିଶ୍ଚିତ ଆବଶ୍ୟକ । କାରଣ ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳର ନେତା ଓ କର୍ମୀମାନେ ସରକାରୀ କଳକୁ ବ୍ୟବହାର କରି ଅଘଟଣ ଘଟାଇବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ମତଦାନ ପରେ ଭୋଟ ବାକ୍ସ ରହୁଥିବା ଷ୍ଟ୍ରଙ୍ଗ ରୁମର ଉଭୟ ଭିତର ଓ ବାହାରେ (୨୦୦ ମିଟର ପର୍ଯ୍ୟନ୍ତ) ସିସିଟିଭି ଜରିଆରେ ନଜର ରଖିବାର ବ୍ୟବସ୍ଥା କରିବା ପାଇଁ ଭାରତୀୟ ଜନତା ପାର୍ଟି ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଶ୍ରୀ ରାୟ ଦାବୀ କରିଛନ୍ତି ।

ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ରବି ପଟ୍ଟନାୟକ, ଜୟନ୍ତ ଜେନା ଓ ହିତେଶ ମହାପାତ୍ର ଥିଲେ ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଲ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ୨୪ ନମ୍ବର ଜିଲ୍ଲା ପରିଷଦ ଜୋନରେ ବିଜେଡି ନେବ ଫାଇଦା

ଖୋର୍ଦ୍ଧା, (ପିଏନ): ଚଳିତ ତ୍ରୀ ସ୍ତରୀୟ ନିର୍ବାଚନ ମଣ୍ଡଳୀରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ୨୪ ନମ୍ବର ଜୋନରେ ବିଜେଡିରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ତନୁଜା ପାଟ୍ଟଶାଣୀ,କଂଗ୍ରେସରୁ ରୀତା ପାଇକରାୟ,ବିଜେପିରୁ ଶ୍ୱେତସ୍ୱିନୀ ରଣବିଜୁଳୀ,ସ୍ୱାଧିନ ଭବାନୀ ଚମ୍ପତି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ଜିଲ୍ଲା ପରିଷଦ ଜୋନଟି ୮ ଗୋଟି ପଂଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଗତଥର ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ଅର୍ଜୁନ ପ୍ରଧାନ ବିଜୟ ଲାଭ କରିଥିଲା । ତେବେ ଚଳିତ ନିର୍ବାଚନରେ ବେଗୁନିଆ ବ୍ଲକ ଉପାଧ୍ୟକ୍ଷା ତନୁଜା ପାଟ୍ଟଶାଣୀ ବିଜେଡି ପକ୍ଷରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ଶ୍ୱେତସ୍ୱିନୀ ରଣ ବିଜୁଳି ମଧ୍ୟରେ ଜୋରଦାର ଲଢେଇ ହେବ ବୋଲି ଜଣା ପଡିଥିବା ଭୋଟର ମାନଙ୍କ ଠାରୁ ସୂଚନା ମିଳିଛି ।ଗତ ନିର୍ବାଚନରେ ବିଜେଡି ଜିଲ୍ଲା ପରିଷଦ ପଦଟି ହାତେଇଥିବା ବେଳେ ପୁନର୍ବାର ଏହି ପଦଟି ହାତେଇବାର ବହୁତ ସମ୍ଭାବନା ରହିଛି ।

## ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଶେଷ, ଟାଙ୍ଗୀରେ ୭୪ %ଓ ବୋଲଗଡରେ ୬୮%

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲାରେ ତ୍ରୀ ସ୍ତରୀୟ ପଂଚାୟତ ନିର୍ବାଚନ ଟାଙ୍ଗୀ ଓ ବୋଲଗଡ ବ୍ଲକ ଦୁଇଟିରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି ।ବର୍ତମାନ ସଂନ୍ଧ୍ୟା ସୁଦ୍ଧା ହସ୍ତଗତ ହୋଇଥିବା ରିପୋର୍ଟ ଅନୁସାରେ ଟାଙ୍ଗୀ ବ୍ଲକରେ ୧ ଲକ୍ଷ ୩୨ ହଜାର ୨୬୯ ଜଣ ଭୋଟର ମଧ୍ୟରୁ ୭୪ ମତଦାନ ହୋଇଥିବା ବେଳେ ବୋଲଗଡ ବ୍ଲକରେ ୧ ଲକ୍ଷ ୮ହଜାର ୨୧୮ ଜଣ ଭୋଟର ମଧ୍ୟରୁ ୬୮ ମତଦାନ ହୋଇଛି ।ଏଥି ମଧ୍ୟରୁ ଟାଙ୍ଗୀ ବ୍ଲକର ୪ ଗୋଟି ଜିଲ୍ଲା ପରିଷଦ ଜୋନ ୨୬ ଗୋଟି ଗ୍ରାମ ପଂଚାୟତ ୩୪୫ ଗୋଟି ୱାର୍ଡ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଗୋଟିଏ ବୁଥରେ ମତଦାନ ହୋଇ ପାରି ନାହିଁ ।ସେହିପରି ବୋଲଗଡ ବ୍ଲକରେ ୩ ଗୋଟି ଜିଲ୍ଲା ପରିଷଦ ଜୋନ ୧୯ ଗୋଟି ଗ୍ରାମ ପଂଚାୟତ ଓ ୩୧୬ଟି ୱାର୍ଡ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ତେବେ ଉଭୟ ବ୍ଲକରେ ଅନ୍ତିମ ରିପୋର୍ଟରେ ମତଦାତାଙ୍କ ସଂଖ୍ୟା ଓ ମତଦାତାଙ୍କ ହାର ଅଧିକ ସ୍ପଷ୍ଟ ଓ ପ୍ରାଞ୍ଜଳ ହେବ ବୋଲି ଅଶା ରଖା ଯାଇଛି ।ଟାଙ୍ଗୀ ବ୍ଲକରେ ୩୪୫ ଗୋଟି ବୁଥ ଓ ବୋଲଗଡ ବ୍ଲକରେ ୩୧୬ ଗୋଟି ବୁଥରେ ପ୍ରଥମ ପର୍ଯ୍ୟାୟ ଭୋଟ ଅନୁଷ୍ଠିତ ହୋଇ ଯାଇଛି ।ଏହାର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ନିଆ ଯାଇଥିଲା ।

## ତ୍ରିସ୍ତରୀୟ ପଚାୟତ ନିର୍ବାଚନ ର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହିଂସାରେ ସରିଲା:ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି । କିନ୍ତୁ ଗଣମାଧ୍ୟମ ଏବଂ ନିର୍ବାଚନ ହେଉଥିବା ଜିଲ୍ଲା ମାନଙ୍କରୁ ବର୍ତମାନ ପର୍ଯ୍ୟନ୍ତ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ବହୁ ସ୍ଥାନରେ ବୁଥ ଜବରଦଖଲ ଏବଂ ଗୋଷ୍ଠୀ ସଂଘର୍ଷ ହୋଇଥିବା ନଜରକୁ ଆସିଛି । ଖାଲି ସେତିକି ନୁହେଁ କର୍ତବ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ କରାଯାଇ ତାଙ୍କର ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ କରିଛନ୍ତି ଯାହାକୁ ଦୃଢ଼ ନିନ୍ଦା କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ଏକ ଭିଡିଓ ବାର୍ତା ମାଧ୍ୟମରେ କହିଛନ୍ତି ରାଜ୍ୟ ସରକାର ପୂର୍ବରୁ ଯେଉଁ ବାହାସ୍ଫୋଟ ମାରୁଥିଲେ ଯେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ଏବଂ ସ୍ୱଚ୍ଛ,ନିର୍ମଳ,ଅବାଧ ଓ ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ ସମ୍ପନ୍ନ କରିବେ ବୋଲି ତାହା ଆଜି ମିଛ ପ୍ରମାଣିତ ହୋଇଛି । ଅନେକ ସ୍ଥାନରେ ଶାସକ ଦଳର ପାର୍ଥିଙ୍କ ଜିତାପଟ ପାଇଁ ପୁଲିଙ୍ଗ ବୁଥ କୁ ସାଧାରଣ ଭୋଟରଙ୍କୁ ଧମକ ଏବଂ ଭୟଭୀତ କରାଇ ଭୋଟ ଗ୍ରହଣ କେନ୍ଦ୍ରକୁ ନ ଆସିବା ପାଇଁ ଗାଁ ଗାଁ ବୁଲି ବାରଣ କରାଯାଇଛି । ଯେଉଁଭଳି ଢଙ୍ଗରେ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ଖୋଦ ଶାସକ ଦଳର ପାର୍ଥି ମାନଙ୍କ ଦ୍ୱାରା ଏବଂ ଶାସକ ଦଳର ଗୁଣ୍ଡା ଦ୍ୱାରା ଏଥିରୁ ସ୍ପଷ୍ଟ ଅନୁମେୟ । ବାହୁବଳ, ଅର୍ଥବଳ ଓ ହିଂସାତ୍ମକ ପନ୍ଥା ଦ୍ୱାରା ଏହି ତ୍ରିସ୍ତରୀୟ ପଞ୍ଚାୟତ କୁ ଜିତିବା ପାଇଁ ଶାସକ ବିଜେଡି ଦଳ ଉଦ୍ୟମ କରୁଛନ୍ତି । ସହିଭଳି ରାଜ୍ୟ ପୋଲିସ ପ୍ରଶାସନ ସରକାରୀ ଦଳର କର୍ମୀ ହିସାବରେ ବିଭିନ୍ନ ଅଂଚଳରେ ପୋଲିସ ଗାଡ଼ିରେ ଟଙ୍କା ବାଂଟିବା ହତଚକିତ କରିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହିଭଳି ଅରାଜକତା ସୃଷ୍ଟି କରୁଥିବା ବ୍ୟକ୍ତି ମାନଙ୍କୁ ଗିରଫ କରି ସରକାର ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରନ୍ତୁ ଏବଂ ରାଜ୍ୟ ଯେପରି ଦେଶ ଓ ଦେଶ ବାହାରେ ରେ ନିନ୍ଦିତ ନ ହେଉ ସେଥି ପ୍ରତି ଦୃଷ୍ଟି ଦେଇ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପରବର୍ତୀ ପର୍ଯ୍ୟାୟ ଗୁଡିକ କିପରି ସ୍ୱଚ୍ଛ, ଅବାଧ ଓ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday February 17 | ଭୁବନେଶ୍ୱର ଗୁରୁବାର, ଫେବୃଆରୀ ୧୭,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ଯୋଡା ମା' ମଙ୍ଗଳା ମନ୍ଦିର ୧୫ ତମ ବାର୍ଷିକ ଉତ୍ସବପାଳନ କଲେ ଶ୍ରଦ୍ଧାଳୁ



ଯୋଡା,(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ସହରର ୯ନମ୍ବର ୱାର୍ଡରେ ଥିବା ପ୍ରସିଦ୍ଧ ମା ମଙ୍ଗଳା ମନ୍ଦିର ର ୧୫ ତମ ବାର୍ଷିକ ଉତ୍ସବ ଚଳିତ ମାସ ୧୬ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଦୁଇ ଦିନ ଧରି ଧୁମଧାମରେ ପାଳନ ହେବାକୁ ଥିବା ଜଣାପଡିଛି। ଆଜକୁ ଠିକ ପନ୍ଦର ବର୍ଷ ତଳେ ଯୋଡା ସହର ର କିଛି ଆଧ୍ୟାତ୍ମିକ ଚେତନା ରଖୁଥିବା ମା ମଙ୍ଗଳାଙ୍କ ଶ୍ରଦ୍ଧାଳୁ ବ୍ୟକ୍ତି ମା ମଙ୍ଗଳା ନାମରେ ଏକ କମିଟି କରି ଏହି ମନ୍ଦିର ପ୍ରତିଷ୍ଠା କରିବା ସହ ମାଙ୍କ ବିଗ୍ରହ ସ୍ଥାପନା କରିଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ଏହି ଦିନରେ ମାଙ୍କ ମନ୍ଦିର ର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ତେବେ ଆଜି ସକାଳ ୬ ଘଟିକା ସମୟରେ ଯଥାବିଧି ଅନୁଯାୟୀ ଆଳତି ଏବଂ ଅଙ୍କୁରାରୋପଣ କାର୍ଯ୍ୟ ସାରି ସକାଳ ୮ ଘଟିକା ସମୟରେ ପୌରହିତ୍ୟଙ୍କ ନିର୍ଦ୍ଦେଶ ଅନୁସାରେ ପୂଜା ପାଇଁସଂକଳ୍ପ କରିଥିବା ଅନିଲ ଗିରି ଏବଂ କମିଟି ର ସଦସ୍ୟ ଓ ଶହ ଶହ ଶ୍ରଦ୍ଧାଳୁ କଳସ ଯାତ୍ରା କରି ଯୋଡା ସ୍ଥିତ ସୁନା ନଦୀରୁ ଜଳ ଉଠାଇଥିଲେ। ଆସନ୍ତା କାଲି ଗୁରୁବାର ଦିନ ପ୍ରାତଃ ୫.୩୦ ମିନିଟରେ ମଙ୍ଗଳ ଆଳତୀ, ୬.୩୦ ମି ରେ ମାଙ୍କ ମହାସ୍ନାନ ଏବଂ ସକାଳ ୭ ଘଟିକା ରେ ମହାବେଶ, ସକାଳ ୮ ଘଟିକା ରେ ସକାଳ ଧୂପ, ଧ୍ୱଜ ପରିବର୍ତ୍ତନ ଓ ଆଳତୀ କାର୍ଯ୍ୟକ୍ରମ ରହିଥିବା ବେଳେ ସକାଳ ୯ ଘଟିକାରେ ସୂର୍ଯ୍ୟପୂଜା ଏବଂ କିଛି ସମୟ ପରେ ଯଜ୍ଞ ନିମନ୍ତେ ଅଗ୍ନି ସ୍ଥାପନ ତଥା ଯଜ୍ଞ ଏବଂ ଚଣ୍ଡିପାଠ ର କାର୍ଯ୍ୟକ୍ରମ ରହିଛି। ଏହାପରେ ସଂଧ୍ୟା ୫ ଘଟିକା ରେ ପୂର୍ଣ୍ଣାହୂତି ଏବଂ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଥିବା ନେଇ କମିଟିର ସଂପାଦକ ଶରତ ନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଭାପତି ଗୁରୁପ୍ରିତ ସିଂ, ସଂପାଦକ ଶରତ ନାୟକ, କୋଷାଧକ୍ଷ ସୋମନାଥ ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମ କୁ ସୂଚାରୁ ରୂପେ ତୁଲାଇଥିବା ବେଳେ କମିଟିର ସଦସ୍ୟ ସୁନିଲ ସାମଲ, ମାୟା ପାତ୍ର ,ସୁଧନ୍ୟା ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ।

## ବଡ଼ଚଣାର ସରପଂଚ ପ୍ରାର୍ଥୀମାନେ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ କରୁଛନ୍ତି ଭୋଟ ପାଇଁ

ଚଣ୍ଡିଖୋଲ, (ପିଏନ୍):ବଡ଼ଚଣା ବ୍ଲକରେ ୪୨ଟି ପଂଚାୟତର ସରପଂଚ ପଦବୀ ପାଇଁ ବିଜେଡ଼ି, କଂଗ୍ରେସ, ବିଜେପି ଓ ସ୍ୱାଧିନ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆସନ୍ତା ୧୮ତାରିଖରେ ନିର୍ବାଚନ ପାଇଁ ଭୋଟ ନିଆଯିବ। ଦେଖିବାକୁ ମିଳୁଛି ଯେଉଁମାନେ ୨୦୧୨, ୨୦୧୭ ମସିହାରେ ସରପଂଚ ପଦବୀରେ ଅଳଂକୃତ ହୋଇଥିଲେ ସେମାନେ ମଧ ପୁନରାୟ ୨୦୨୨ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରଖିଛନ୍ତି। ଜଣାପକ୍ଷେ କେନ୍ଦ୍ର ଓ ରାଜ୍ୟ ଯେଉଁ ଭଳି ଭାବରେ ପଂଚାୟତକୁ ପ୍ରାୟ ୧୦କୋଟିରୁ ଉର୍ଦ୍ଧ୍ୱ ଅର୍ଥ ଦେଉଛନ୍ତି ସେଥିରୁ ଅର୍ଥକୁ ବେନିୟମ ଭାବେ ଖର୍ଚ୍ଚ ଦେଖାଇ ଅର୍ଥକୁ ତୋଷରପାତ କରୁଥିବାର ଦେଖାଯାଉଛି। ଯେଉଁଥିପାଇଁ ସରପଂଚ ମାନେ ଚାହାଁନ୍ତି ଖର୍ଚ୍ଚ କଲେ ମଧ ଆମ ଅର୍ଥ ଆମେ ପଦବୀରେ ରହିଲେ ମଧ ପାଇପାରିବୁ ବୋଲି ସାଧାରଣରେ ଆଲୋଚନା ଚର୍ଚ୍ଚା ହେଉଛି।

## ପାତ୍ରପଡା ଓ ସିନ୍ଧିଆରେ ଗୋଲକ ମହାପାତ୍ରଙ୍କ ନିର୍ବାଚନୀ ପ୍ରଚାର

ବାଲେଶ୍ୱର,(ପି.ଏନ): ଆଜି ରାଜ୍ୟ ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର ଓ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ୨୫ନଂ ଓ ୨୬ନଂ ଜୋନରେ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ସାଧାରଣ ଜନତାଙ୍କ ଆଶୀର୍ବାଦ ଲୋଡିଛନ୍ତି। ଏହି ଅବସରରେ ଶ୍ରୀ ଗୋଲକ ମହାପାତ୍ର ପାତ୍ରପଡା ଓ ସିନ୍ଧିଆରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି କେନ୍ଦ୍ର ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଓ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଇବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଗତ ଉପ ନିର୍ବାଚନରେ ବିଜୁ ଜନତା ଦଳ ଯେଉଁ ସବୁ ପ୍ରତିଶୃତି ସାଧାରଣ ଜନତାକୁ ଦେଇଥିଲେ, ତାହା ଆଜି ପାଣିର ଗାର ସଦୃଶ ପ୍ରମାଣିତ ହୋଇସାରିଛି। ଉପ ନିର୍ବାଚନକୁ ୧ବର୍ଷ ବିତିଯାଇ ଥିବା ବେଳେ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରି ନାହିଁ। ମୋଦି ସରକାର ବ୍ୟାପକ ମାତ୍ରାରେ ଅର୍ଥ ପଠାଉଥିବା ବେଳେ ଏଠି ବିଜେଡିର ନେତା କର୍ମୀ ମାନେ ଠିକାଦାର ସାଜି ଲୁଟିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ଓ ଗରିବକଲ୍ୟାଣ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସରକାରୀ କଳ ବଳ ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ହାତେଇବାକୁ ଶାସକ ବିଜେଡି ଅପପ୍ରୟାସ ଜାରି ରଖିଛି ଓ ଚଳିତ ପଞ୍ଚାୟତ ନିର୍ବାଚନରେ ଜନତା ଏହାର ଉଚିତ ଜବାବ ଦେବେ ବୋଲି ଶ୍ରୀ ଦତ୍ତ ପରିପ୍ରକାଶ କରିଛନ୍ତି। ସଦର ନେତା ଶ୍ରୀ ଦତ୍ତ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବାଜିମାତ କରିବ ବୋଲି ପରିପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୨୫ନଂ ଜୋନ ଜିଲ୍ଲାପରିଷଦ ପ୍ରାର୍ଥୀ ଗୟାଧର ବେହେରା, ୨୬ନଂ ଜୋନ ଜିଲ୍ଲାପରିଷଦ ପ୍ରାର୍ଥିନୀ ଝୁନୁଲତା ସ୍ୱାଇଁ, ପାତ୍ରପଡା ସରପଞ୍ଚ ପ୍ରାର୍ଥିନୀ ବିନୋଦିନୀ ଦଳେଇ ଓ ସମିତିସଭ୍ୟା ପ୍ରାର୍ଥିନୀ ଅଞ୍ଜନା ଦାସ, ସିନ୍ଧିଆ ସରପଞ୍ଚ ପ୍ରାର୍ଥିନୀ ସସ୍ମିତା କର ଓ ସମିତିସଭ୍ୟ ପ୍ରାର୍ଥୀ ଅଞ୍ଜନ କୁମାର ପରିଡା, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ସଭାପତି ଅନିଲ ପାତ୍ର ଓ କାର୍ତ୍ତିକ ରାଉତ, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ପ୍ରବୀର ଶଙ୍କର ଦାସ, ବିରେନ୍ଦ୍ର ସେନାପତି, ବିଜୟ ଦାସ, ଅଜୟ ନାୟକ, ପ୍ରତାପ ନାୟକ, ବସନ୍ତ ନାୟକ, ଅଜୟ ବିଶ୍ୱାଳ, ସୁଶାନ୍ତ ନାୟକ, କାଳିଆ ମହାନ୍ତି, ଶ୍ରୀୟା ଦାସ, ଶର୍ମିଷ୍ଠା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନ ଜିଲ୍ଲା ପରିଷଦ ପ୍ରାର୍ଥୀନିଙ୍କୁ ସମର୍ଥନ ଦେବ କଂଟିଲୋ କଂସାରୀ ସମାଜ



ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକର ୬ନଂ ଜିଲ୍ଲା ପରିଷଦ ଜୋନରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ୱାଧୀନ ପ୍ରାର୍ଥୀନି ଉଜ୍ଜ୍ୱଳ ମହାରଣାଙ୍କୁ ନିଖିଳ ଉତ୍କଳ କଂସାରୀ ସମାଜ କଂଟିଲୋ ପୂର୍ଣ୍ଣ ସମର୍ଥନ ଦେବ ବୋଲି ଘୋଷଣା କରିଛି। କଂଟିଲୋ କଂସାରୀ ସମାଜ କଲ୍ୟାଣ ସଦନ ପରିସରରେ ବୁଧବାର ଆୟୋଜିତ ସମାବେଶରେ ସଭାପତି ଅଖିଳ କୁମାର ମହାରଣା ପୌରହିତ୍ୟ କରିଥିଲେ। ସମାବେଶରେ ଶ୍ରୀପତି ମହାରଣା, ବିଜୟ କୁମାର ମହାରଣା, ମେଜର ରାଜକିଶୋର ସାହୁ, ସୁରେନ୍ଦ୍ରନାଥ ସାହୁ, ରାଜକିଶୋର ସାହୁ, ପବିତ୍ର କୁମାର ମହାରଣା, ରମାବଲ୍ଲଭ ସାହୁ, ଅଂଜନ କୁମାର ମହାରଣା, ବିରଂଚି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସ୍ଥାନୀୟ ଅଂଚଳର କେତେକ ନ୍ୟସ୍ତ ସ୍ୱାର୍ଥ ଅସାମାଜିକ ବ୍ୟକ୍ତି କଂସାରୀ ସମାଜ କଲ୍ୟାଣ ସଦନର ନିଜସ୍ୱ ଜାଗାକୁ ଅନଧିକାର ଭାବେ ଜବରଦଖଲ କରି ରଖିଥିବାକୁ ନେଇ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଉକ୍ତ ସ୍ଥାନରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ପ୍ରଶାସନ ଓ ଆଇନର ଦ୍ୱାରସ୍ଥ ହୋଇଥିଲେ ହେଁ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ଅଦ୍ୟାବଧି ଉକ୍ତ ସ୍ଥାନରୁ ଜବରଦଖଲକାରୀଙ୍କୁ ହଟାଯାଇନଥିବା ସଂପର୍କରେ ଶ୍ରୀ ମହାରଣା ମତ ରଖିଥିଲେ। ତେଣୁ କଂସାରୀ ସମାଜ କଲ୍ୟାଣ ସଦନର ସୁରକ୍ଷା ପାଇଁ ସମସ୍ତେ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ସେହିପରି ଆସନ୍ତା ୨୪ ତାରିଖରେ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀନି ଶ୍ରୀମତି ମହାରଣାଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ସମାଜର ବରିଷ୍ଠ ସସ୍ୟମାନେ ପ୍ରସ୍ତାବ ଦେଇଥିବା ବେଳେ ବୈଠକରେ ଉପସ୍ଥିତ ଥିବା ଅନ୍ୟ ସଦସ୍ୟ ଓ ବୁଦ୍ଧିଜୀବିମାନେ କରତାଳି ମାଧ୍ୟମରେ ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ପ୍ରାର୍ଥୀନି ଶ୍ରୀମତି ମହାରଣା ଉପସ୍ଥିତ ରହି ସମସ୍ତଙ୍କ ସକ୍ରୀୟ ସହଯୋଗ ଲୋଡିଥିଲେ।

## ବିଏସ୍ଏଚ୍ ହୋମ ଆପଲାଏନ୍ସ ପକ୍ଷରୁ ବୋସ୍କ ଟପ ଲୋଡ ୱାଶିଂ ମେସିନ୍‌ର ବଜାର ପ୍ରବେଶ



ଭୁବନେଶ୍ୱର,(ପି.ଏନ): ୟୁରୋପର ସର୍ବବୃହତ ହୋମ୍ ଆପଲାଏନ୍ସ ଉତ୍ପାଦନକାରୀ ତଥା ଅଗ୍ରଣୀ କମ୍ପାନୀ ବିଏସ୍ଏଚ୍ ପକ୍ଷରୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ୱାଶିଂ ମେସିନ - ବୋସ୍କ ଟପ ଲୋଡ ୱାଶିଂ ମେସିନ୍‌ସ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଚ୍ଚମାନର ୱାଶିଂ ମେସିନଗୁଡିକର ଏହି ପରିସରକୁ ଦୃଷ୍ଟିରେ ରଖି ଫ୍ୟାଶନ ଏବଂ କପଡା ସଚେତନ ଉପଭୋକ୍ତାଙ୍କ ସୁବିଧା ପାଇଁ ପାରମ୍ପାରିକ ହାତ ଧୋଇବା ଲଣ୍ଡ୍ରି କୌଶଳର ସୁବିଧା, ଯତ୍ନ ଏବଂ ଦାଗ ଅପସାରଣ କ୍ଷମତାକୁ ଅନୁକରଣ କରି ଏହାର ନିର୍ମାଣ କରାଯାଇଛି। ଆନ୍ଧ୍ରପ୍ରଦେଶ (ତିରୁପତି) ରେ ମେଡ ଇନ ଇଣ୍ଡିଆ ଯୋଜନା ଅନ୍ତର୍ଗତ ବୋସ୍କ ଟପ ଲୋଡ ମେସିନ ନିର୍ମାଣ କରାଯାଇଛି। ଏଥିରେ ପ୍ରିମିୟମ ବୈଶିଷ୍ଟ୍ୟକୁ ସାମିଲ୍ କରାଯାଇଛି। ଉପଭୋକ୍ତା କେନ୍ଦ୍ରିକତାରେ ଅଗ୍ରଣୀ ହେବା ଏବଂ ୨୦୨୫ ସୁଦ୍ଧା ଭାରତର ପ୍ରତ୍ୟେକ ଘରର ଏକ ଅଂଶ ହେବା ଲାଗି କମ୍ପାନୀର ଲକ୍ଷ୍ୟ ରହିଛି। ଏହି ଅବସରରେ ବିଏସ୍ଏଚ୍ ହୋମ ଆପ୍ଲାଏନ୍ସ ଏମଡି ତଥା ସିଇଓ ନୀରଜ ବାହଲ କହିଲେ, ଭାରରେ ଟପ ଲୋଡ ୱାଶିଂ ମେସିନ୍ ଏକ ଗୁରୁତ୍ୱପୂର୍ଣ୍ଣ ସେଗ୍‌ମେଂଟ୍ ରହିଛି। ଆମେ ଏଭଳି ଏକ ଉତ୍ପାଦର ବଜାର ପ୍ରବେଶ କରାଇଥିବାରୁ ବେଶ୍ ଆନନ୍ଦିତ। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଗଭୀର ଭାବରେ ଅନୁଧାନ କରି ଏହରର ନିର୍ମାଣ କରାଯାଇଛି। ଆମେ ଆମର ଉପଭୋକ୍ତା କେନ୍ଦ୍ରିକ ଡିଜାଇନ ଏବଂ ବିକାଶ ପ୍ରକ୍ରିୟା ମାଧ୍ୟମରେ ଏହି ମେସିନ୍‌ର ନିର୍ମାଣ କରିଛୁ। ଏହି ଉତ୍ପାଦ ଆମ ପାଇଁ ଏକ ଗେମ ଚେର ହେବ। ଆମର ଲଣ୍ଡ୍ରି କେୟାର ପରିସରରେ ୱାଶିଂ ମେସିନ୍, ଡ୍ରାୟର୍ ଇତ୍ୟାଦିର ବିକାଶ ପାଇଁ ଆମର ପ୍ରୟାସ ଜାରି ରହିଛି। ଏହାର ମୂଲ୍ୟ ୨୧,୭୯୦ ଟଙ୍କାରୁ ଆରମ୍ଭ ହେଉଛି। ଏହା ୬ ଏବଂ ୭ କିଲୋଗ୍ରାମ୍ ଭାରିଆଂଟ୍‌ରେ ତିନୋଟି ଉପଭୋକ୍ତା ଇଂଟରଫେସ ସହିତ ଏବଂ ଛଅଟି ଆକର୍ଷଣୀୟ ରଙ୍ଗ ତଥା ତେଇଶଟି ଅନନ୍ୟ ମଡେଲରେ ଉପଲବ୍ଧ ହେଉଛି। ଏହା ଦେଶର ସମସ୍ତ ପ୍ରମୁଖ ମେଟ୍ରୋ ଏବଂ ଅଣ-ମେଟ୍ରୋ ସହରଗୁଡିକରେ ଉପଲବ୍ଧ ହେବ। ଏଥିରେ ପ୍ରିମିୟମ ଆଷ୍ଟେଟିକ୍ସ ଏବଂ ଅନନ୍ୟ ବୈଶିଷ୍ଟ୍ୟ ସହିତ ହାଇ-ଏଣ୍ଡ ୟୁଜର୍ ଇଂଟରଫେସ ରହିଛି। ଉଷୁମ ପାଣି ପ୍ରି-ସୋକ ଫଙ୍କସନ ସହିତ ଇନ-ବିଲ୍ଟ ହିଟର ଥିବାରୁ ଗ୍ରାହକଙ୍କୁ ୱାଶିଂ ମେସିନରେ ରଖିବା ପୂର୍ବରୁ ଦାଗକୁ ହଟାଇବା ଲାଗି ପୂର୍ବରୁ ଭିଜାଇ ରଖିବାକୁ ପଡିବ ନାହିଁ। ଶୀଘ୍ର ଏବଂ ସହଜ ପ୍ରୋଗ୍ରାମ ଚୟନ ପାଇଁ ପ୍ରୋଗ୍ରାମ ସିଲେକ୍ଟର୍ ଡାଏଲ ସହିତ ଅତ୍ୟଧିକ ଅନ୍ତର୍ନିହିତ କାର୍ଯ୍ୟ ପ୍ରବାହ ଏବଂ ଉପଭୋକ୍ତା ଇଂଟରଫେସ ରହିଛି। ସ୍ମାର୍ଟ ଏବଂ ଏକ୍ସପର୍ଟ ମୋଡ ଉପଭୋକ୍ତାମାନଙ୍କୁ ସମସ୍ତ ଧୋଇବା ପାରାମିଟରଗୁଡିକୁ ବିସ୍ତୃତ ଭାବରେ ନିୟନ୍ତ୍ରଣ କରିଥାଏ। ଉପଭୋକ୍ତାଙ୍କୁ କପଡା ଧୋଇବାରେ ସହାୟତା କରିଥାଏ। ଏଥିରେ ଇନ-ବିଲ୍ଟ ହ୍ୱିଲ୍ ଏବଂ ପଛ ହ୍ୟାଣ୍ଡଲ ରହିଛି। ହାତରେ କପଡ଼ା ଧୋଇବା କୌଶଳ ଦ୍ୱାରା ଅନୁପ୍ରାଣିତ। ଏହାର ଭାରିଓ ଡ୍ରମ ଡ୍ରପଲେଟ ଡିଜାଇନ ସମସ୍ତ ପ୍ରକାରର କପଡାକୁ କୋମଳ ଭାବେ ଧୋଇଥାଏ। ଏଥିରେ ଥିବା ସ୍କ୍ରବ ପ୍ୟାଡ ସୁପରିୟର ଆଗିଟେଶନ ଦ୍ୱାରା ମଇଳା ଦୂର କରିଥାଏ। ଏହାର ଆସିମେଟ୍ରିକ ପ୍ୟାଡଲ ଜଟିଳ ଦାଗକୁ ହଟାଇବାରେ ସହାୟତା କରିଥାଏ। ଏହାର ୩ କ୍ୟାମ ଇମ୍ପେଲର୍ ଭର୍ଟିକାଲ ୱାଟର ବିସ୍ଥାପନ କରିଥାଏ। ଏହାର ମ୍ୟାଜିକ ଫିଲ୍ଟର୍ ସହିତ ପମ୍ପିଂ ଟାୱାର୍ ଇଂଟରମିଟେଂଟ୍ ଫ୍ରେଶ୍ ୱାଟର ସ୍ପ୍ଲାଶ୍ କରିବା ସହିତ ହାଇ ରିନ୍‌ଜିଂ କରିଥାଏ।

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟର ଭୋଟ ଗ୍ରହଣ ହିଂସାରେ ସରିଲା : ନିରଞ୍ଜନ

ଭୁବନେଶ୍ୱର,(ପି.ଏପ) ଆଜି ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି। କିନ୍ତୁ ଗଣମାଧ୍ୟମ ଏବଂ ନିର୍ବାଚନ ହେଉଥିବା ଜିଲ୍ଲା ମାନଙ୍କରୁ ବର୍ତ୍ତମାନ ପର୍ଯ୍ୟନ୍ତ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ବହୁ ସ୍ଥାନରେ ବୁଥ ଜବରଦଖଲ ଏବଂ ନିର୍ମମ ଭାବରେ ମାଡ଼ପିଟ ହୋଇଥିବା ନଜରକୁ ଆସିଛି। ଖାଲି ସେତିକି ନୁହେଁ କର୍ତ୍ତବ୍ୟରତ ନ୍ୟୁଜ-୧୮ର ସାମ୍ବାଦିକ ସୁମନ୍ତ ସୁନ୍ଦରାୟ ଓ କ୍ୟାମେରାମ୍ୟାନ ଚେତନ ସ୍ୱାଇଁଙ୍କୁ ଏବଂ ନ୍ୟୁଜ-୭ର ସାମ୍ବାଦିକ ସରୋଜ ମଲ୍ଲିକ ଓ କ୍ୟାମେରାମ୍ୟାନଙ୍କୁ ଆକ୍ରମଣ କରାଯାଇ ତାଙ୍କର ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ କରିଛନ୍ତି ଯାହାକୁ ଦୃଢ଼ ନିନ୍ଦା କରିଛନ୍ତି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ। ରାଜ୍ୟ ସରକାର ପୁର୍ବରୁ ଯେଉଁ ବାହାଶପଟ ମାରୁଥିଲେ, ଯେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ଏବଂ ସ୍ୱଚ୍ଛ, ନିର୍ମଳ, ଅବାଧ ଓ ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ ସମ୍ପନ୍ନ କରିବେ ବୋଲି ତାହା ଆଜି ମିଛ ପ୍ରମାଣିତ ହୋଇଛି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି କେଉଁ ସ୍ତରକୁ ଖସିଯାଇଛି। ସେ କହିଛନ୍ତି, ଏପରିକି ଅନେକ ସ୍ଥାନରେ ଶାସକ ଦଳର ପ୍ରାର୍ଥିଙ୍କ ଜିତାପଟ ପାଇଁ ପୁଲିଙ୍ଗ ବୁଥଙ୍କୁ ସାଧାରଣ ଭୋଟରଙ୍କୁ ଧମକ ଏବଂ ଭୟଭୀତ କରାଇ ଭୋଟ ଗ୍ରହଣ କେନ୍ଦ୍ରକୁ ନ ଆସିବା ପାଇଁ ଗାଁ ଗାଁ ବୁଲି ବାରଣ କରାଯାଇଛି। ରାଜ୍ୟ ସରକାରଙ୍କର ଏପରି ଆଚରଣ ଓ ଉଚ୍ଚାରଣରେ ବ୍ୟଥିତ ହୋଇ ଦୁଃଖପ୍ରକାଶ କରିବା ସହ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା କେଉଁ ଆଡ଼କୁ ଗତି କରୁଛି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପଟ୍ଟନାୟକ। ଯେଉଁଭଳି ଢ଼ଙ୍ଗରେ ତୃଣମୁଳ ସ୍ତରରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ଖୋଦ ଶାସକ ଦଳର ପାର୍ଥିମାନଙ୍କ ଦ୍ୱାରା ଏବଂ ଶାସକ ବିଜେଡ଼ି ଦଳ ଉଦ୍ୟମ କରୁଛନ୍ତି। ସମ୍ବିଧାନରେ ଅହିଂସା ଶବ୍ଦ ଯୋଡ଼ା ହୋଇଥିବା ରାଜନୈତିକ ଦଳ ପଞ୍ଚାୟତ ନିର୍ବାଚନରେ ଲୋକମାନଙ୍କୁ ଆକ୍ରମଣ କରିବା, ସାମ୍ବାଦିକଙ୍କୁ ଲହୁଲୁହାଣ କରିବା, ଭୋଟରଙ୍କୁ ଧମକେଇବା ଆଦି କେଉଁ ଅହିଂସା ନୀତିରେ ଅନୁପ୍ରାଣିତ ? ସେହିଭଳି ରାଜ୍ୟ ପୋଲିସ ପ୍ରଶାସନ ସରକାରୀ ଦଳର କର୍ମୀ ହିସାବରେ ବିଭିନ୍ନ ଅଞ୍ଚଳରେ ପୋଲିସ ଗାଡ଼ିରେ ଟଙ୍କା ବାଂଟିବା ମୋତେ ହଟଚକିତ କରିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହିଭଳି ଅରାଜକତା ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ ଗିରଫ କରି ସରକାର ଦୃଷ୍ଟାନ୍ତ ମୁଳକ ଦଣ୍ଡି ଦେଇ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପରବର୍ତ୍ତୀ ନିର୍ବାଚନର ପରବର୍ତ୍ତୀ ପର୍ଯ୍ୟାୟ ଗୁଡ଼ିକ କିପରି ସ୍ୱଚ୍ଛ, ଅବାଧ ଓ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହବ ସେଥିପ୍ରତି ଦୃଷ୍ଟି ଦେବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି ବୋଲି ଆଜି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର।


ADMISSION OPEN

MAHARISHI PUBLIC SCHOOL

STD-I TO V

25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY







FIND THE DIFFERENCE

- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL

PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015

PH : (0674) 2558884 2550786, 9348320060

E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray